



## ଝିଅ ଉପରେ ରାଗ ରଖି ବାପାଙ୍କୁ ଅପହରଣ

### ୨ଜଣଙ୍କୁ ଗିରଫ କଲା ଭରତପୁର ପୁଲିସ

ଭୁବନେଶ୍ୱର, ୧୮ ।୨(ସମିସ): ଝିଅକୁ ବାରମ୍ବାର ଫୋନ୍ କରି ହଇରାଣ କରୁଥିଲା । ଏହି ରାଗରେ ଶନିବାର ବାପାଙ୍କୁ ଅପହରଣ କରୁଥିବା ବେଳେ ଦୁଇଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ । ଗିରଫ ଅଭିଯୁକ୍ତମାନେ ହେଲେ ୟୁନିଟ୍-୪ର ଆଲୋକ ଭୁଜବଳ ଓ ରବିଟକିଜର ସନ୍ତୋଷ ମହାରଣା ।

ପୁଲିସର କହିବା ଅନୁଯାୟୀ, ଏକ ଘରୋଇ କଲେଜର ଛାତ୍ରୀଙ୍କୁ ଆଲୋକ ଫୋନ କରି ହଇରାଣ କରୁଥିଲେ । ଝିଅର ବାପା ଆଲୋକକୁ ଏସବୁରୁ ନିବୃତ ରହିବାକୁ ମନା କରିଥିଲେ । ପରେ ଆଲୋକକୁ ଧରି ପୁଲିସର ଜିମା ଦେଇଥିଲେ । ସେଇ ରାଗରେ ଆଲୋକ ଶନିବାର ଝିଅର ଦେହ ଅସୁସ୍ଥ ଥିବାରୁ ଅଭିଯୋଗକାରିଣୀ ଓ ତାଙ୍କର ସ୍ୱାମୀ ଉଭୟେ ଝିଅକୁ କଲେଜକୁ ପରୀକ୍ଷା ଦେବା ପାଇଁ ନେଇ ଯାଇଥିଲେ । ମଧ୍ୟାହ୍ନ ସମୟରେ ଆଲୋକ ଓ ସହଯୋଗୀ ସନ୍ତୋଷ ଘଟଣାସ୍ଥଳକୁ ଆସି ଛାତ୍ରୀଙ୍କୁ ଗାଳିଗୁଲଜ କରିଥିଲେ । ଛାତ୍ରୀଙ୍କ ମାଆ ଓ ବାପା ସେମାନଙ୍କୁ ବିରୋଧ କରିବାରୁ ଉଭୟେ ଅଭିଯୁକ୍ତ ସେମାନଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରି ଜୀବନରୁ ମାରିଦେବାର ଧମକ ଦେଇଥିଲେ । ପରେ ଉକ୍ତ ବ୍ୟକ୍ତିଙ୍କୁ ଅପହରଣ କରି ନେବାକୁ ଉଦ୍ୟମ କରିଥିଲେ । ସେଠାରେ ଉପସ୍ଥିତ ଥିବା ସୁରକ୍ଷାକର୍ମୀ ଓ କଲେଜ କର୍ତ୍ତୃପକ୍ଷ ଅଭିଯୋଗକାରିଣୀ ଓ ତାଙ୍କର ସ୍ୱାମୀଙ୍କୁ ଅଭିଯୁକ୍ତଙ୍କ କବଳରୁ ରକ୍ଷା କରିବା ସହ ସେମାନଙ୍କୁ ଅଟକ ରଖିଥିଲେ ।

## ରାସ୍ତାରେ ଅଟକାଇ ଆକ୍ରମଣ; ଜଣେ ଗିରଫ

ଭୁବନେଶ୍ୱର, ୧୮ ।୨ (ସମିସ): ରାସ୍ତାରେ ଅଟକାଇ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ବଡ଼ଗଡ଼ କେନାଲ ରୋଡ଼ ଅଞ୍ଚଳର ଜିତେଶ କୁମାର ସାହା (୨୮) । ପୁଲିସ ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳରେ ରହୁଥିବା ରଞ୍ଜିତ କୁମାର ସାହା ଶନିବାର ରାତି ପ୍ରାୟ ୧୦ଟା ୩୦ ସମୟରେ ତାଙ୍କ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ । ସେହି ସମୟରେ ଜିତେଶ ଓ ତାର ସହଯୋଗୀମାନେ ଲକ୍ଷ୍ମୀବିହାର ଫେଜ-୨ ଗୁରୁକୁଳ ସ୍କୁଲ ନିକଟରେ ତାଙ୍କୁ ବଳପୂର୍ବକ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ରଞ୍ଜିତ ଗୁରୁତର ଆହତ ହେବା ସହ ତାଙ୍କର ନାକରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ଏନେଇ ବଡ଼ଗଡ଼ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ଜିତେଶକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## କାର୍ ଧକ୍କାରେ ଫଳ ବ୍ୟବସାୟୀ ମୃତ

ଭୁବନେଶ୍ୱର, ୧୮ ।୨(ସମିସ): ଖାରବେଳନଗର ଥାନା ଅଧୀନ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) କାର୍ଯ୍ୟାଳୟ ସମ୍ମୁଖରେ କାର୍ ଧକ୍କାରେ ଜଣେ ଫଳ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି । ମୃତ ବ୍ୟବସାୟୀ ହେଲେ ସହିଦନଗର ଅଞ୍ଚଳର ରାଜେନ୍ଦ୍ର ପ୍ରଧାନ (୫୮) । ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ରାଜଧାନୀ ଚିକିତ୍ସାଳୟକୁ ପଠାଇଛି । ପରେ ମୃତଦେହକୁ ପୁଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏଥିସହ ଧକ୍କା ଦେଇଥିବା କାରକୁ ପୁଲିସ ଜବତ କରିବା ସହ ଚାଳକକୁ ଅଟକ ରଖିଛି ।

### ଉପରମୁହାଁ 'ରାହାଜାନି' ଓ 'ଡକାୟତି'

# ଲୁଟେରାଙ୍କ ଟାର୍ଗେଟ୍‌ରେ ଆପାର୍ଟମେଣ୍ଟ ଓ ଘର

ଭୁବନେଶ୍ୱର, ୧୮ ।୨(ସମିସ):

ଏମିତି କେଉଁଦିନ ନାହିଁ, ରାଜଧାନୀବାସୀ ଚୋରି, ଲୁଟ୍, ଡକାୟତି ଓ ରାହାଜାନୀ ଭଳି ଅପରାଧର ଶିକାର ହେଉନାହାନ୍ତି । ଭୁବନେଶ୍ୱର ଅପରାଧିକ ସ୍ଥିତି ଦେଖିଲେ ପୁଲିସ ଉପରେ ଅପରାଧୀ ଭାରି ପଡ଼ିଲେଣି । ରାହାଜାନି ଓ ଡକାୟତି କରି ଘରୁ ସର୍ବସ୍ୱ ଲୁଟିବାକୁ ଯୋଜନା କରୁଛନ୍ତି । ଏକସଙ୍ଗରେ ୫ରୁ ୬ଜଣ ମିଶି ଘରେ ପଶୁଛନ୍ତି । ହାତରେ ମାରଣାସ୍ତ୍ର ଓ ବନ୍ଧୁକ ଧରି ଘରର ସମସ୍ତ ସଦସ୍ୟଙ୍କୁ ବନ୍ଦୀକରି ଦେଉଛନ୍ତି । ବନ୍ଧୁକ ମୁନରେ ଘରୁ ସୁନାଗହଣା ଓ ଟଙ୍କା ଲୁଟି ନେଉଛନ୍ତି । ମୁହଁରେ ମୁଖା ବାନ୍ଧିଥିବାରୁ ଡକାୟତିଙ୍କୁ ଚିହ୍ନଟ କରିବା କାଠିକର ପାଠ । ତେଣୁ ଦୀର୍ଘ ପରେ ବି ଡକାୟତି ଧରାପଡ଼ିନଥିବାରୁ ସମ୍ପତ୍ତି ମିଳୁନି । ସେହିପରି ବିଗତବର୍ଷ ଅପେକ୍ଷା ଦି'ଗୁଣା ମାମଲା ବଢ଼ିଛି । ଆପାର୍ଟମେଣ୍ଟ ଓ ତାଲା ପଡ଼ିଥିବା ଘରଗୁଡିକୁ ଟାର୍ଗେଟ୍ କରି ଲୁଟ୍‌ପାଟ୍ କରୁଛନ୍ତି । କିଛି ମାସରେ ରାଜଧାନୀର ୩୦ଟି ଆପାର୍ଟମେଣ୍ଟର ୫୦ ଫ୍ଲାଟରୁ ଚୋରି ହୋଇଛି । ସେଥିରୁ ପ୍ରାୟ ୧୧ କୋଟି ଓ ତାଲା

### ବିଗତବର୍ଷ ଅପେକ୍ଷା ଦି'ଗୁଣା ବଢ଼ିଲା ମାମଲା

ପଡ଼ିଥିବା ଘରକୁ ମିଶାଇ ୧୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଲୁଟ୍ ହୋଇଥିବା ନେଇ ଅଭିଯୋଗ ହୋଇଛି । ଚନ୍ଦକା, ଇନ୍‌ଫୋସିଟି, ଭରତପୁର, ମଞ୍ଚେଶ୍ୱର, ପାହାଳ, ଚନ୍ଦ୍ରଶେଖରପୁର, ଶ୍ରୀଲିଙ୍ଗରାଜ, ନୂଆପଲ୍ଲୀ ଆଦି ଥାନା ଅଞ୍ଚଳରେ ଆପାର୍ଟମେଣ୍ଟଗୁଡ଼ିକରୁ ବଡ଼ଧରଣର ଲୁଟ୍ ହୋଇଛି ।

ମିଳିଥିବା ସୂଚନା ଅନୁଯାୟୀ, ୨୦୧୭ରେ ୨୧ଟି ଡକାୟତି ମାମଲା ରୁଜୁ ହୋଇଥିବା ବେଳେ ୨୦୧୮ରେ ୨୭, ୨୦୧୯ରେ ୪୯ ଓ ୨୦୨୦ରେ ୩୪ ଓ ୨୦୨୧ରେ ୨୦ଟି, ୨୦୨୨ରେ ୫୨ଟି, ୨୦୨୩ ୬୪ଟି ଏବଂ ଚଳିତବର୍ଷ ୨୦ରୁ ଉର୍ଦ୍ଧ୍ୱ ଡକାୟତି ମାମଲା ରୁଜୁ ହୋଇଛି । ଅନୁରୂପ ଭାବେ ଚଳିତବର୍ଷ ପ୍ରଥମ ୨ମାସରେ ରାଜଧାନୀରେ ୨୫ଟି ରାହାଜାନି ମାମଲା ରୁଜୁ ହୋଇଛି । ସେଭଳି ଗତବର୍ଷ ୪୧୨ଟି, ୨୦୨୨ରେ ୩୭୩ଟି ମାମଲା ରୁଜୁ ହୋଇଥିଲା । ୨୦୨୧ରେ ୬୨୬, ୨୦୨୦ରେ ୩୫୦ଟି, ୨୦୧୯ରେ ୩୩୭ଟି ଓ ୨୦୧୮ରେ ୨୨୯ଟି ମାମଲା ରୁଜୁ ହୋଇଛି ।

### ହାତ ମିଳାଇଛନ୍ତି ସ୍ଥାନୀୟ ଅପରାଧୀ

କର୍ପୋରେଟ ଶୈଳୀରେ ଭୁବନେଶ୍ୱରରେ ଚାଲୁଛି ଡକାୟତି ମାମଲା । ୧୩ ରାଜ୍ୟ ଓ ବାଂଲାଦେଶ ଓ ଇରାନରୁ ଆସି ଭୁବନେଶ୍ୱରରେ ଡେରା ପକାଉଛନ୍ତି । ପଶ୍ଚିମବଙ୍ଗ, ରାଜସ୍ଥାନ, ଉତ୍ତରପ୍ରଦେଶ, ବେଙ୍ଗାଲୁରୁ, ଝାଡ଼ଖଣ୍ଡ, ତେଲେଙ୍ଗାନା, ବିହାର, ପଞ୍ଜାବ, ଚେନ୍ନାଇ, କେରଳ, ମଧ୍ୟପ୍ରଦେଶ, ଆନ୍ଧ୍ରପ୍ରଦେଶ ଓ ଦିଲ୍ଲୀ ଭଳି ରାଜ୍ୟରୁ ମୋଷ୍ଟୱାଣ୍ଟେଡ୍ ଏଠାକୁ ଆସି ରାଜୁତି କରୁଛନ୍ତି । ସେଭଳି ବାଂଲାଦେଶ, ଇରାନ ଗ୍ୟାଙ୍ଗ୍ ଆସି ସହରରେ ଆତଙ୍କ ଖେଳାଉଛନ୍ତି । ସେମାନେ ଏକ ଘରୁ ଟାର୍ଗେଟ୍ କରିବା ସହ ସ୍ଥାନୀୟ ଅପରାଧୀଙ୍କ ସହାୟତାରେ ଉକ୍ତ ଘରେ ପଶି ବନ୍ଧୁକ ମୁନରେ ପରିବାରକୁ ବନ୍ଦୀ କଳାକନା ବୁଲାଇ ଦେଉଥିଲେ । ଲୁଟ୍ ଟଙ୍କା ଓ ସୁନାଗହଣାକୁ ସ୍ଥାନୀୟ ଓ ଅଣଓଡ଼ିଆ ଅପରାଧୀ ମିଶି ଭାଗବଣ୍ଟା କରି ନେଇଯାଉଛନ୍ତି ।

### ଅବସରପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀଙ୍କ ଘରୁ ଲୁଟ୍

## ଝରକା ତାଡ଼ି ନେଇଗଲେ ୫ଲକ୍ଷର ସୁନାଗହଣା

ଭୁବନେଶ୍ୱର, ୧୮ ।୨(ସମିସ): ପୁଣି ରାଜଧାନୀରୁ ବଡ଼ଧରଣ ଲୁଟ୍ ହୋଇଛି । ଅବସରପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀଙ୍କ ଘରେ କଳାକନା ବୁଲାଇଛନ୍ତି ଲୁଟେରା । ଏୟାରଫିଲ୍ଡ ଥାନା କେଲୁଚରଣ ମାର୍ଗ-୫ରେ ଧ୍ରୁବ ଚରଣ ପାତ୍ରଙ୍କ ଘରୁ ଲୁଟ୍ ହୋଇଛି । ଝରକା ଓ କବାଟ ତାଡ଼ି ୫ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି । ସାଇଣ୍ଟିଫିକ୍ ଟିମ୍, ସନ୍ଧାନୀ କୁକୁର ସହ ସିସିଟିଭି ଯାଞ୍ଚ୍ କରି ତଦନ୍ତ କରୁଛି ଏୟାରଫିଲ୍ଡ ଥାନା ପୁଲିସ ।



ଅଭିଯୋଗ ଅନୁଯାୟୀ, କେଲୁଚରଣ ମାର୍ଗ ଲେନ-୫ରେ ଧ୍ରୁବଚରଣ ଓ ତାଙ୍କ ପରିବାର ରହୁଥିଲେ । ଦୁଇ ଦିନ ତଳେ ସପରିବାର ବେଙ୍ଗାଲୁରୁ ବୁଲିବାକୁ ଯାଇଥିଲେ । ଘରର ସବୁ କବାଟରେ ତାଲା ପକାଇ ସମସ୍ତ ଚାବି କେୟାରଟେକର ଦାୟିତ୍ୱରେ ଥିବା ସୁରେଶ ପାତ୍ରଙ୍କୁ ଦେଇଥିଲେ । ଧ୍ରୁବଚରଣଙ୍କ ଘରକୁ ସୁରେଶ ସବୁଦିନ ଶୋଇବାକୁ ଆସୁଥିଲେ । କିନ୍ତୁ ଶନିବାର ସେ ଶୋଇବାକୁ ଆସି ନ ଥିଲେ । ଯାହାର ସୁଯୋଗ ନେଇ ଲୁଟେରାମାନେ କଳାକନା ବୁଲାଇ ଦେଇଛନ୍ତି । ପାଚେରି ଡେଇଁ ଘରର ଝରକା ଓ କବାଟ ତାଡ଼ି ଭିତରକୁ ପଶିବା ପରେ ଲକର୍ ଭାଙ୍ଗି ୫ଲକ୍ଷ ଟଙ୍କାର ଗହଣା ନେଇଯାଇଛନ୍ତି । ଘର ଅନ୍ଧାର ଥିବାରୁ ଲାଇଟ୍ ଲଗାଇ ବହୁ ସମୟ ଧରି ଲୁଟପାଟ୍ କରିଥିଲେ । ଘରର କବାଟ ଝରକା ଭାଙ୍ଗିଥିବା ଦେଖି ପଡ଼ୋଶୀମାନେ ଧ୍ରୁବଚରଣକୁ ଖବର ଦେଇଥିଲେ । ସେ ବେଙ୍ଗାଲୁରୁରେ ଥିବାରୁ ତାଙ୍କ ପୁତୁରା ଓ କେୟାରଟେକର୍ ପହଞ୍ଚି ଥାନାକୁ ଜଣାଇଥିଲେ । ଘର ନିକଟରେ ଲାଗିଥିବା ସିସିଟିଭିରେ ଲୁଟେରାଙ୍କ ଗତିବିଧି କଏଦ୍ ହୋଇଛି ।

## ଆପାର୍ଟମେଣ୍ଟର ୪ଟି ଫ୍ଲାଟ୍‌ରୁ ଲୁଟିଲେ

ଭୁବନେଶ୍ୱର, ୧୮ ।୨ (ସମିସ): ରାଜଧାନୀରେ ପୁଣି ଆପାର୍ଟମେଣ୍ଟରେ ଆତଙ୍କ ଖେଳାଇଛନ୍ତି ଲୁଟେରା । ଏଥର ସହର ଭିତରେ ନୁହେଁ, ଭୁବନେଶ୍ୱର ଉପକଣ୍ଠ ଗଡ଼ ଶ୍ରୀରାମପୁରରେ ଥିବା ଏକ ଆପାର୍ଟମେଣ୍ଟରୁ ଲୁଟ୍ ହୋଇଛି । ମାତ୍ର କେଇ ଘଣ୍ଟାରେ ଆପାର୍ଟମେଣ୍ଟରେ କଳାକନା ବୁଲାଇ ଚମ୍ପଟ ମାରିଛନ୍ତି ଲୁଟେରା । ୪ଟି ଫ୍ଲାଟରୁ ଏକକାଳୀନ ଲୁଟ୍ ହୋଇଛ । ଘର ଭିତରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟ୍ ହୋଇଛି । ଘରର ମୁଖ୍ୟ ଦ୍ୱାରର କବାଟ କାଟି ଘର ଭିତରେ ପଶିଛନ୍ତି । ଶୋଇବା ଘରର କପବୋର୍ଡ ଲକର ଭାଙ୍ଗି ସୁନା, ରୁପା ଗହଣା ଓ ଦାମୀ ଜିନିଷ ନେଇ ଚମ୍ପଟ ମାରିଛନ୍ତି ଏହି ଲୁଟେରା ଗ୍ୟାଙ୍ଗ । ଆପାର୍ଟମେଣ୍ଟର ସୁରକ୍ଷା ନେଇ ପ୍ରଶ୍ନ ଉଠାଇଛନ୍ତି ଅନ୍ତେବାସୀ । ସାଇଣ୍ଟିଫିକ ଟିମ୍ ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍ଭିନ ଆରମ୍ଭ କରିଛି ।

## ବିଏମ୍ସି ଦୋକାନ ସିଲ୍ ନୀତିକୁ ନେଇ ଉତ୍ତେଜନା

ଭୁବନେଶ୍ୱର, ୧୮ ।୨(ସମିସ): ପରିମଳ ନିୟମ ଖିଲାପ କରିବା ଅଭିଯୋଗରେ ଭିଏସ୍ଏସ୍‌ନଗର ରେଲ୍ୱେ ଓଭରବ୍ରିଜ୍ ନିକଟସ୍ଥ ଏକ ଦୁଗ୍ଧ ବିକ୍ରିକରୁଥିବା ଷ୍ଟଲକୁ ବିଏମ୍ସି ପକ୍ଷରୁ ସିଲ୍ କରିବାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି । ରବିବାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜ୍‌ମେଣ୍ଟ ସମ୍ମୁଖରେ ସ୍ଥାନୀୟ ବ୍ୟବସାୟୀ ଏବଂ ଲୋକେ ଟାୟାର ଜାଳି ପ୍ରତିବାଦ କରିଥିଲେ । କିଛି ସମୟ ପାଇଁ ଏଥିପାଇଁ ରାସ୍ତା ବନ୍ଦ ହୋଇଯାଇଥିଲା । ପ୍ରତିବାଦକାରୀ ବ୍ୟବସାୟୀମାନେ ବିଏମ୍ସି ବିରୋଧରେ ନାରାବାଜି କରିଥିଲେ । ଫଳରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା । ତେବେ ପରିମଳ ନିୟମ ଲାଗୁ କରିବା ଆଳରେ ବିଏମ୍ସି ଅଧିକାରୀମାନେ ଜାଣିଶୁଣି ବ୍ୟବସାୟୀମାନଙ୍କୁ ହଇରାଣ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ ବ୍ୟବସାୟୀ । ଅଭିଯୋଗ ଆନୁଯାୟୀ, ପରିମଳ ନିୟମ ଖିଲାପ ଅଭିଯୋଗରେ ଏହି ମାର୍କେଟରେ ବାରମ୍ବାର ବିଏମ୍ସି ବ୍ୟବସାୟୀମାନଙ୍କୁ ଜରିମାନା କରୁଛି । ଶନିବାର ରାତିରେ ଓମ୍‌ଫେଡ୍ ଷ୍ଟଲକୁ ମଧ୍ୟ ଫାଇନ୍ କରିବା ସହ ସିଲ୍ କରି ଦିଆଯାଇଥିଲା । ଜଣେ ବରିଷ୍ଠ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସାନିଟାରୀ ଇନ୍ସପେକ୍ଟର ଏବଂ ଟିମ୍ ସାଇନ୍ ଘଟଣାସ୍ଥଳରେ ଷ୍ଟଲଟିକୁ ସିଲ୍ କରିଥିଲେ । ଉତ୍ତେଜନା ଦେଖାଦେବାରୁ ସିଲ୍ କରାଯାଇଥିବା ଦୋକାନକୁ ସିଲ୍‌ମୁକ୍ତ କରାଯାଇଥିଲା । ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

### ପ୍ରୟାସ ପକ୍ଷରୁ ଗଣବିବାହ

## ବିବାହ ବନ୍ଧନରେ ବାନ୍ଧିହେଲେ ୨୫ ଦମ୍ପତି




ଭୁବନେଶ୍ୱର, ୧୮ ।୨(ସମିସ): ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ପ୍ରୟାସ' ଆନୁକୂଲ୍ୟରେ ୧୦ମ ସାମୂହିକ ବିବାହ ମହୋତ୍ସବ ସମ୍ପନ୍ନ ହୋଇଛି । ହିନ୍ଦୁ ବୈଦିକ ରୀତି ଅନୁଯାୟୀ ସ୍ଥାନୀୟ ଖାରବେଳ ନଗରସ୍ଥିତ ରାମମନ୍ଦିର ପରିସରରେ ୨୫ ଜଣ ବର ଓ କନ୍ୟା ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ବିବାହ ପୂର୍ବଦିନ ଅର୍ଥାତ୍ ଶନିବାର ସନ୍ଧ୍ୟାରେ ମଙ୍ଗନୀ, ମେହେନ୍ଦୀ ଓ ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ରବିବାର ଏହି ଗଣବିବାହ ମହୋତ୍ସବ ଅନୁଷ୍ଠିତ ହୋଇଛି । ଆବେଦନ କରିଥିବା ବରବଧୂ ଓ ସେମାନଙ୍କ ପରିବାର ଉପସ୍ଥିତିରେ ବିବାହ ସମ୍ପନ୍ନ ହେବା ସହ ଏହି ୨୫ ଯୋଡ଼ି ଆଇନ ଅନୁଯାୟୀ ରେଜେଷ୍ଟ୍ରିଭୁକ୍ତ ହୋଇଛନ୍ତି । ୟୁନିଟ-୨ ସ୍ଥିତ ଆର୍ଯ୍ୟ ସଂସ୍କୃତି ମନ୍ଦିର ଠାରୁ ୨୫ ଜଣ ବର ବାହାରି ଶୋଭାଯାତ୍ରାରେ ୨୫ଟି ଭିନ୍ନ ସୁସଜ୍ଜିତ ଗାଡ଼ିରେ ଶ୍ରୀରାମ ମନ୍ଦିରକୁ ଯାଇଥିଲେ । ସେଠାରେ କନ୍ୟା ପିତାମାତା ବାଟବରଣୀ କରି ବିବାହସ୍ଥଳକୁ ପାଛୋଟି ନେବା ପରେ ସେଠାରେ ବୈଦିକ ରୀତିରେ ବିବାହ ସମ୍ପନ୍ନ ହୋଇଥିଲା । ଏହି ବିବାହ ଉତ୍ସବରେ ଆଧ୍ୟାତ୍ମିକ ଗୁରୁ ବାବା ଆର୍ତ୍ତତ୍ରାଣ, ରାଜ୍ୟସଭା ସାଂସଦ ସୁଲତା ଦେଓଙ୍କ ସମେତ ବହୁ ସାଧୁସନ୍ଥ ଓ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ନବ ଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଭ୍ୟର୍ଥନା କମିଟିର ଆବାହକ ତଥା ଶିକ୍ଷାବିତ୍ ଡକ୍ଟର ବଦ୍ରିନାଥ ପଟ୍ଟନାୟକ, 'ପ୍ରୟାସ'ର ଟ୍ରଷ୍ଟି ତଥା ସାମ୍ବାଦିକ କୌସ୍ତୁଭ ଦାସ, କମଳ ମହାନ୍ତି ପ୍ରମୁଖ କାର୍ଯ୍ୟରେ ସହଯୋଗ କରିଥିଲେ ।

## ଟୁଟୁ ହତ୍ୟା ମାମଲାର ରାୟ କାଏମ୍ ରଖିଲେ ସୁପ୍ରିମ୍‌କୋର୍ଟ

ଭୁବନେଶ୍ୱର, ୧୮ ।୨(ସମିସ): ଟୁଟୁ ଓରଫ ପ୍ରଶାନ୍ତ ପ୍ରଧାନ ହତ୍ୟା ମାମଲାର ରାୟ ବିରୋଧରେ ସୁପ୍ରିମ୍‌କୋର୍ଟକୁ ଯାଇଥିଲେ ଅଭିଯୁକ୍ତ ମିଙ୍ଗୁା ଓରଫ ରୋହିତ ପ୍ରଧାନ । ସୁପ୍ରିମ୍ କୋର୍ଟ ଏହି ମାମଲାର ଶୁଣାଣି କରି ତଳ କୋର୍ଟଙ୍କ ରାୟକୁ କାଏମ୍ ରଖିଛନ୍ତି । ଭୁବନେଶ୍ୱର ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡ ଶୁଣାଇଥିଲେ । ଅଭିଯୁକ୍ତ ମିଙ୍ଗୁା ଏହି ରାୟ ବିରୋଧରେ ହାଇକୋର୍ଟ ଯାଇଥିଲେ । ହାଇକୋର୍ଟ ମଧ୍ୟ ଏହି ରାୟକୁ କାଏମ୍ ରଖିବା ପରେ ଅଭିଯୁକ୍ତର ଓକିଲ ସୁପ୍ରିମ୍‌କୋର୍ଟ ଯାଇଥିଲେ । ୨୦୨୧ ମସିହାରେ ଅଭିଯୁକ୍ତ ମିଙ୍ଗୁା ବିରୋଧରେ ଶୁଣାଣି ଆରମ୍ଭ ହୋଇଥିଲେ । ଏହି ମାମଲାରେ ଅଭିଯୁକ୍ତ ମିଙ୍ଗୁାକୁ ସହଯୋଗ କରିଥିବା ଅନ୍ୟ ୪ଜଣ ଅଭିଯୁକ୍ତ ନିର୍ଦ୍ଦୋଶରେ ଖଲାସ ହୋଇଥିଲେ । ସୂଚନା ଯୋଗ୍ୟ ଟୁଟୁ ଓରଫ ପ୍ରଶାନ୍ତ ପ୍ରଧାନ ଏବଂ ମିଙ୍ଗୁା କେରଳରେ କାମ କରୁଥିଲେ । ଟୁଟୁ ବାଲିଅନ୍ତା ଏବଂ ଏହାର ଆଖପାଖରୁ ଶ୍ରମିକମାନଙ୍କୁ ନେଇ କେରଳରେ କାମ କରାନ୍ତି । ମୃତ ଟୁଟୁ ଅଧୀନରେ ଅଭିଯୁକ୍ତ ମିଙ୍ଗୁା କାର୍ଯ୍ୟ କରୁଥିଲା । ଉଭୟ ପାର୍ଟନର ଭାବେ କାମ କରିବାକୁ ମିଙ୍ଗୁା କହିଥିଲେ ମଧ୍ୟ ଟୁଟୁ ରାଜି ହୋଇ ନ ଥିଲେ । ଯାହାକୁ ନେଇ ମିଙ୍ଗୁାର ରାଗ ରହିଥିଲା । ୨୦୧୦ ଜୁଲାଇ ୬ ତାରିଖରେ ଟୁଟୁ ଘରେ ଖାଉଥିବା ସମୟରେ ଅଭିଯୁକ୍ତ ଫୋନ୍ କରି ଡକିଥିଲା । ଅଭିଯୁକ୍ତ ଏକ କଟୁରିରେ ଟୁଟୁର ମୁଣ୍ଡକୁ ପାହାର କରିବା ସହ ହାଣିଥିଲେ । ଘଟଣା ସ୍ଥଳରେ ଟୁଟୁର ମୃତ୍ୟୁ ଘଟିବା ପରେ ସେଠାରେ ତାର ସୁନାଚେନ୍ ଏବଂ ଘଣ୍ଟାକୁ କାଢି ନେଇଥିଲେ ।

### ଅଭିଯୁକ୍ତକୁ ଶୁଣାଇଥିଲେ ଆଜୀବନ କାରାଦଣ୍ଡ

# ଆଇନ ଫାଶରେ ପଡ଼ିଲେ ୧୬ ମଦୁଆ ଡ୍ରାଇଭର୍

ଭୁବନେଶ୍ୱର, ୧୮ ।୨(ସମିସ):

ମଦପିଇ ଗାଡ଼ି ଚଳାଉଥିବା ଚାଳକଙ୍କ ବିରୋଧରେ କମିସନରେଟ୍ ପୁଲିସ କାର୍ଯ୍ୟାନୁଷ୍ଠାନ ଜାରିରଖିଛି । ମଦ୍ୟପ ଚାଳକଙ୍କ ବିରୋଧରେ ଚାଲିଥିବା ଧରପଗଡ଼କୁ ଆହୁରି ଜୋରଦାର କରାଯାଇଛି ।

ଏହିକ୍ରମରେ ଶନିବାର ପୁଣି ୧୬ଜଣ ମଦ୍ୟପ ଚାଳକଙ୍କୁ ଧରିଛି କମିସନରେଟ୍ ପୁଲିସ । ସେମାନଙ୍କ ନାମରେ ମାମଲା ରୁଜୁକରିବା ସହ ଗାଡ଼ିଗୁଡ଼ିକୁ ଜବତ କରିଛି । ଲକ୍ଷ୍ମୀସାଗର ୫ଜଣ, ଚନ୍ଦ୍ରଶେଖରପୁର ୪ଜଣ, ଜଟଣୀ ଓ ଖାରବେଳନଗର ଥାନା ଅଞ୍ଚଳରୁ ୨ଜଣ ଲେଖାଏଁ ଏବଂ ଖଣ୍ଡଗିରି, ତମାଣ୍ଡୋ ଓ ବଡ଼ଗଡ଼ ଥାନା ଅଞ୍ଚଳରୁ ଜଣେ ଲେଖାଏଁ ମଦୁଆ ଚାଳକ ଧରାପଡ଼ିଛନ୍ତି । ଅନୁରୂପ ଭାବେ କ୍ୟାପିଟାଲ, ନୂଆପଲ୍ଲୀ ଓ ନନ୍ଦନକାନନ ଥାନା ପକ୍ଷରୁ ୯ଜଣ ଖିଲାପକାରୀଙ୍କ ଠାରୁ ୪୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

ଶନିବାର ରାତିରେ ଝାରପଡ଼ା ଗୋଲେଇ ଛକ, କଟକ ରୋଡ, କଳ୍ପନା ଛକ, କିଟ୍ ଛକ, ନନ୍ଦନକାନନ ରୋଡରେ ଥିବା ତାନିସ୍କ କଟ ପଏଣ୍ଟ, ଫର୍ଡ ଛକ, ଖଣ୍ଡଗିରି ରୋଡରେ ଥିବା ଜାଗମରା ଛକ, ଗୋପବନ୍ଧୁ ଛକ, ସଚିବାଳୟ ମାର୍ଗରେ ଥିବା ହାଉସିଂ ବୋର୍ଡ ଛକ, ଲୁଇସ୍ ରୋଡ, ସାମନ୍ତରାପୁର ଛକରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଥିଲା । ଧରାପଡ଼ିଥିବା ମଦ୍ୟପଙ୍କ ବିରୋଧରେ ଲାଗିଥିବା ଦଫା ୭ବର୍ଷରୁ କମ୍ ହୋଇଥିବାରୁ ସେମାନଙ୍କ ନାମରେ ମାମଲା ରୁଜୁକରି ଛାଡ଼ି ଦିଆଯାଇଛି । କିନ୍ତୁ ସେମାନେ ବ୍ୟବହାର କରୁଥିବା ଗାଡ଼ିଗୁଡିକୁ ଜବତ କରାଯାଇଛି । ସେମାନେ କୋର୍ଟରୁ ଅନୁମତି ଆଣିବା ପରେ ଗାଡିଗୁଡ଼ିକୁ ମୁକୁଳାଇ ନେଇପାରିବେ । ଏହି ମାମଲାଗୁଡିକରେ ସଜା ହାର ବଢ଼ିବ ବୋଲି ଆଶା କରାଯାଉଛି । ପରବର୍ତ୍ତୀ ସମୟରେ ମଦ୍ୟପ ଚାଳକମାନେ ଗିରଫ ହୋଇ ଜେଲ୍ ବି ଯିବେ ବୋଲି କୁହାଯାଇଛି । ସେହିପରି ମଦ୍ୟପ ଚାଳକ ଲାଇସେନ୍ସ ରଦ୍ଦ ପ୍ରକ୍ରିୟା ଆରମ୍ଭ ହୋଇଛି । କିଛି ଚାଳକ ଅନୁରୂପ ଭାବେ ଦ୍ୱିତୀୟ ଥର ଧରାପଡ଼ିଛନ୍ତି । ସେଇ ଚାଳକଙ୍କ ଲାଇସେନ୍ସ ବାତିଲ୍ ଲାଗି ପରିବହନ ବିଭାଗ ନିକଟରେ ଆବେଦନ କରାଯାଇଛି ।




ଏଣିକି ଲାଇସେନ୍ସ ବାତିଲ୍ ପ୍ରକ୍ରିୟା

### ବେଆଇନ୍ ପାର୍କିଂ କରି ଫସିଲା ୫୦ କାର୍

ସହରରେ ଗାତଡ଼ ଚଳାଚଳକୁ ସୁଗମ କରିବା ଲାଗି ପାର୍କିଂ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି । ସହରରେ ନିର୍ମାଣ ହୋଇଥିବା ପାର୍କିଂ ସ୍ଥାନଗୁଡ଼ିକରେ ଗାଡ଼ି ପାର୍କିଂ କରିବା ଲାଗି କୁହାଯାଇଛି । କିନ୍ତୁ ସହରରେ ବେଆଇନ୍ ପାର୍କିଂ ବଢ଼ିଚାଲିଛି । ଏହାକୁ ରୋକିବାକୁ ସହରରେ ବେଆଇନ୍ ପାର୍କିଂ ହଟାଓ ପ୍ରକ୍ରିୟାକୁ ଜୋର୍‌ଦାର କରାଯାଇଛି । ରବିବାର ସହରରେ ବଡ଼ଧରଣ ଧରପଗଡ଼ କରାଯାଇଥିଲା । ସହରର ବିଭିନ୍ନ ସ୍ଥାନରୁ ୫୦ରୁ ଅଧିକ କାର୍‌କୁ କ୍ରେନ୍ ସହାୟତାରେ ଉଠାଇ ଆଣିଥିଲା । ଗାଡ଼ିଗୁଡ଼ିକୁ ମୁକୁଳାଇ ନେବାକୁ କାର୍ ମାଲିକମାନେ ଟ୍ରାଫିକ ଥାନା ଆଗରେ ଭିଡ଼ ଜମାଇଥିଲେ । କୋର୍ଟରୁ ଆବଶ୍ୟକ କାଗଜପତ୍ର ଓ ଜରିମାନା ଦେଇ ମୁକୁଳାଇବା ଲାଗି କୁହାଯାଇଥିଲା ।

## ଆଜିଠୁ ରିମାଣ୍ଡରେ ଆସିବେ ଝାଡ଼ଖଣ୍ଡୀ ନିଶା ମାଫିଆ

ଭୁବନେଶ୍ୱର, ୧୮ ।୨(ସମିସ): ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣ କରୁଥିବା ଝାଡ଼ଖଣ୍ଡର ରବିଶଙ୍କର ଦାସ, ରାଜେଶ ଦାସ ଓ ଲ'କିଶୋର ପ୍ରସାଦ ସହଦେବଙ୍କ ଖୋଲିବ ନିଶା କାରବାରର ରହସ୍ୟ । ସାରା ଦେଶକୁ ଏମାନେ ନିଶାଦ୍ରବ୍ୟ ଚାଲାଣ କରିବା ସହ ଏଜେଣ୍ଟ ରଖି କାରବାର ଚଳାଇଥିଲେ । ଓଡ଼ିଶାରୁ ଗଞ୍ଜେଇ ନେଇ ବିଭିନ୍ନ ରାଜ୍ୟର ନିଶା ମାଫିଆଙ୍କ ନିକଟରେ ପହଞ୍ଚାଇ ମୋଟାଅଙ୍କର ଟଙ୍କା ରୋଜଗାର କରୁଥିଲେ । ଏପରିସ୍ଥଳେ ସୋମବାର କୋର୍ଟଙ୍କ ଅନୁମତି ମିଳିବା ପରେ ନିଶା ମାଫିଆଙ୍କୁ ରିମାଣ୍ଡରେ ଆଣି ଜେରା କରିବ କ୍ରାଇମ୍‌ବ୍ରାଞ୍ଚର ସ୍ୱତନ୍ତ୍ର ଅପରାଧ ଶାଖା । ସେଭଳି ଗ୍ୟାଙ୍ଗ୍ ମୁଖିଆ ରବିଶଙ୍କର ରାଜନେତା ଲିଙ୍କ୍ ପଦାକୁ ଆସୁଛି । ଗଞ୍ଜେଇ କାରବାରରେ ରବିଶଙ୍କରଙ୍କୁ ସ୍ଥାନୀୟ ନେତାମାନେ ପ୍ରୋତ୍ସାହିତ କରୁଥିଲେ । ନିଶା କାରବାର ସମ୍ପୃକ୍ତି ଅଭିଯୋଗରେ ରବିଶଙ୍କର ବହୁବାର ଗିରଫ ହୋଇ ଜେଲ୍ ଯାଇଛନ୍ତି । ମାତ୍ର ସ୍ଥାନୀୟ କୁଜି ନେତାମାନେ ତାଙ୍କୁ ଜାମିନ୍‌ରେ ମୁକୁଳାଉଥିଲେ । ସେଇ ବାବଦରେ ନେତାଙ୍କୁ କିଛି ଟଙ୍କା ଦେଉଥିଲେ ରବିଶଙ୍କର । ନେତାମାନେ ଟଙ୍କା ନେଇ ନିର୍ବାଚନ ପ୍ରଚାର ଓ ପ୍ରସାରରେ ଟଙ୍କା ଖର୍ଚ୍ଚ କରୁଥିଲେ । ଏପରିକି ରବିଶଙ୍କରକୁ ଧରିବା ଲାଗି କୌଣସି ରାଜ୍ୟର ପୁଲିସ ଗଲେ, ସ୍ଥାନୀୟ ସରପଞ୍ଚ କିମ୍ବା ପୁଲିସ ଆଗୁଆ ସୂଚନା ଦେଇଦେଉଥିଲେ ବୋଲି ଅଭିଯୋଗ ହୋଇଥିଲା । ରବିଶଙ୍କର ଘର ପୂର୍ବ ସିଂହଭୂମର ସୋନାରୀରେ ହୋଇଥିବାରୁ ସ୍ଥାନୀୟ ସରପଞ୍ଚଙ୍କ ଦବ୍‌ଦବା ରହିଥାଏ । ସରପଞ୍ଚର ବିନା ଅନୁମତିରେ କୌଣସି ରାଜ୍ୟ ପୁଲିସ କିମ୍ବା ଅନ୍ୟ ତଦନ୍ତକାରୀ ସଂସ୍ଥା ଗାଁକୁ ପ୍ରବେଶ କରିପାରିନେ । ସେଥିଲାଗି ରବିଶଙ୍କର ନିଜ ଅଞ୍ଚଳରେ ନିଶା କାରବାର କରି ବାଦ୍‌ଶାହା ପାଲଟିଥିଲା । ଏପରିକି ଝାଡ଼ଖଣ୍ଡ ପୁଲିସ ଲାଗି ମୋଷ୍ଟୱାଣ୍ଟେଡ୍ ତାଲିକାରେ ବି ରହିଥିଲା । ମାତ୍ର ସେ ବିଭିନ୍ନ ରାଜ୍ୟକୁ ବୁଲି ନିଶା କାରବାର କରୁଥିଲା ।

ରବିଶଙ୍କର ପାଖରେ ବେଆଇନ୍ ସମ୍ପତ୍ତି ସହ ଅନେକ ଗୁଡିଏ ଯାନବାହାନ ରହିଛି । ତାଙ୍କର ଦୁଇଟି ଗାଡ଼ି ସ୍ୱତନ୍ତ୍ର ଅପରାଧ ଶାଖା ହାତରେ ଧରାପଡ଼ିଥିଲା । ସେଭଳି ରବିଶଙ୍କର ଓ ଅନ୍ୟ ଦୁଇ ସହଯୋଗୀ ରାଜେଶ ଓ ଲ'କିଶୋରଙ୍କୁ ଝାଡ଼ଖଣ୍ଡ ପୁଲିସ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ମାଲକାନାଗିରିରୁ ଦୁଇଟି କାର୍‌ରେ ଗଞ୍ଜେଇ ଆଣି କାକିନାଡା ଦେଇ ଭାଇଜାଗ ଯାଇଥିଲେ । ସେଠାରୁ ଆନ୍ଧ୍ରପ୍ରଦେଶ-ବ୍ରହ୍ମପୁର-ଭୁବନେଶ୍ୱର-ଜଳେଶ୍ୱର ଦେଇ ଝାଡ଼ଖଣ୍ଡ ଓ କୋଲକାତାକୁ ଯିବାକୁ ଯୋଜନା କରିଥିଲେ । କିନ୍ତୁ ପିତାପଲ୍ଲୀ ନିକଟରୁ ପିଛା କରି ପାହାଳରୁ ୩ ବେପାରୀ ସମେତ ୩୦୦ କିଲୋ ଗଞ୍ଜେଇକୁ କାବୁ କରିଥିଲା ପୁଲିସ ।

### ଆର୍ଥିକ କାରବାର, ରାଜନେତାଙ୍କ ସମ୍ପୃକ୍ତି ନେଇ ହେବ ଖୋଲତାଡ଼

### ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବେ ଝାଡ଼ଖଣ୍ଡ ପୁଲିସ





ଆସ ବୁଲିଯିବା ଖଣ୍ଡଗିରି

# ପାହାଡ଼ ପାଦଦେଶରେ ସଂଳାପ ବର୍ଷା

*ଇତି ମଧ୍ୟରେ ଖଣ୍ଡଗିରି କୁମ୍ଭମେଳାକୁ ତିନିଦିନ ବିତି ଯାଇଛି । ପ୍ରଥମ ଦୁଇଦିନ କେବଳ ସାଧୁସନ୍ଥ ମେଳା, ହୋମଯଜ୍ଞ ଆରମ୍ଭ ହୋଇଥିବା ବେଳେ ତୃତୀୟ ସନ୍ଧ୍ୟାରୁ ଆରମ୍ଭ ହୋଇଛି ଯାତ୍ରା ମହାକୁମ୍ଭ । ପ୍ରମୁଖ ୫ଟି ପାର୍ଟି ପ୍ରଥମ ପର୍ଯ୍ୟାୟରେ ପହଞ୍ଚି ଯାତ୍ରା ଆରମ୍ଭ କରିଛନ୍ତି । ରେକର୍ଡ ଡ୍ୟାନ୍ସ ସାଙ୍ଗକୁ ନାଟକୀୟ ସଂଳାପରେ କମ୍ପୁଛି ପୂରା ଖଣ୍ଡଗିରି-ଉଦୟଗିରି ପାଦଦେଶ ।*



ଆଜିର କାହାଣୀ

ଭୁବନେଶ୍ୱର, ୧୮।୨ (ସମିସ):

ସବୁ ପ୍ରତୀକ୍ଷାର ଅନ୍ତ ଘଟାଇ ଆରମ୍ଭ ହୋଇଛି ଖଣ୍ଡଗିରି ଯାତ୍ରା ମହାକୁମ୍ଭ । ୧୨ଟି ବଛା ବଛା ଅପେରା ପାର୍ଟି ଏଥିରେ ସାମିଲ ହେବାକୁ ଥିବାବେଳେ ପ୍ରଥମ ସନ୍ଧ୍ୟାରୁ ୫ଟି ପାର୍ଟି ନାଟକ ପରିବେଷଣ ଆରମ୍ଭ କରିଛନ୍ତି । ଆଲୋକ ଓ ସଙ୍ଗୀତ ସହିତ ୫ ଅପେରା ମଧ୍ୟରେ ଆରମ୍ଭ ହୋଇଛି ଜୋର୍‌ଦାର ଲଢ଼େଇ । ଆଗକୁ ଆହୁରି ଯାତ୍ରା ପାର୍ଟି ପଡ଼ିବାକୁ ଥିବାବେଳେ କୋଣାର୍କ, କଳିଙ୍ଗ, ଗୌରୀ, ସାଇ ସମ୍ରାଟ ଓ ମା ଦୁର୍ଗା ମନ୍ଦିର ମଧ୍ୟରେ ଟକ୍କର ଆରମ୍ଭ ହୋଇଯାଇଛି । ସବୁ ପାର୍ଟିର ଅତ୍ୟାଧୁନିକ ସାଜସଜ୍ଜା ସାଙ୍ଗକୁ ରେକର୍ଡ ଡ୍ୟାନ୍ସ ଦର୍ଶକଙ୍କୁ ମତୁଆଲା କରିଛି । ରବିବାର ରାତିରେ ହରେକୃଷ୍ଣ ମହତାବ ସାଂସ୍କୃତିକ ପରିଷଦ (ଆଇଗିଣିଆ-ଡୁମୁଡୁମା) ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି ଅପେରା ସାଇ ସମ୍ରାଟର 'ଦେବଦାସୀ ହେବି ତୋରି ପାଇଁ' ନାଟକ । ଶୁଭେନ୍ଦୁ-ଟିକିନାଙ୍କ ଅଭିନୟ ସାଙ୍ଗକୁ ରବି ବ୍ରହ୍ମଙ୍କ ଦମ୍ଦାର ଡାଇଲଗ ଦର୍ଶକଙ୍କ ମନକୁ ଛୁଇଁଥିଲା । ଏଥିରେ ଶଙ୍ଖାଳି, ସତ୍ୟ, ବୁଲବୁଲ ଓ ତମସାଙ୍କ ଅଭିନୟ ଦର୍ଶକ ଦେଖିବାକୁ ପାଇଥିଲେ । ଇନ୍ଦିରା ସାଂସ୍କୃତିକ ପରିଷଦ (ଖଣ୍ଡଗିରି-ଜାଗମରା) ପେଣ୍ଡାଲରେ ଯାତ୍ରା ମହାରଥୀ କଳିଙ୍ଗ ଗଣନାଟ୍ୟ ନାଟକ ପରିବେଷଣ ଆରମ୍ଭ କରିଛି । 'କାନ୍ଦେନାରେ ବାଇଆ ମନ' ଭଳି ଆବେଗପୂର୍ଣ୍ଣ ନାଟକକୁ ନେଇ ଖଣ୍ଡଗିରି ମଇଦାନକୁ ଓହ୍ଲାଇଛି । ଏହି ନାଟକରେ ସୁରେଶ ପଣ୍ଡା, ଭାବନା, ହାପି, ପ୍ରିୟଙ୍କାଙ୍କ ଦମଦାର ଯୋଡ଼ି ସାଙ୍ଗକୁ ସାନମଣିଙ୍କ କମେଡି ଓ ଖଳନାୟକ ସନ୍ଦୀପଙ୍କ ଦମ୍ଦାର ଡାଇଲଗ୍ ଦର୍ଶକଙ୍କ ମନ ମୋହିଥିଲା । ସେହିପରି ମଙ୍ଗଳା ଯୁବ ପରିଷଦ (ଖଣ୍ଡଗିରି-ଜାଗମରା) ମଞ୍ଚରେ ମା' ଦୁର୍ଗା ମନ୍ଦିର ନାଟକ ପରିବେଷଣ କରିଛି । 'କାନ୍ଦେନାରେ ଲୁହ ସରିଯିବ' ନାଟକକୁ ନେଇ ଅନୁଷ୍ଠାନ ମଇଦାନକୁ ଓହ୍ଲାଇଛି । ରୁଦ୍ର, ହୃଷୀ ଓ ମାମାଙ୍କ ଅଭିନୟ ସାଙ୍ଗକୁ ଖଳନାୟକ ଲକ୍ଷ୍ମୀଧରଙ୍କ କମାଲ୍ ଉପଭୋଗ କରିଥିଲେ ଦର୍ଶକ । ସନାତନ ସେବା ସମିତି (ଖଣ୍ଡଗିରି-ଘାଟିକିଆ) ପେଣ୍ଡାଲ କୋଣାର୍କ ଗଣନାଟ୍ୟକୁ ନେଇ ଯାତ୍ରା ମଇଦାନରେ ଅବତୀର୍ଣ୍ଣ ହୋଇଛି । ଦୀପକ ଜେନାଙ୍କ ରଚିତ ଓ ଗୁରୁପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶିତ 'ସେଇ ଗୋଟିଏ ଭୁଲ୍ ପାଇଁ' ନାଟକକୁ ନେଇ କୋଣାର୍କ ଗଣନାଟ୍ୟ ଯାତ୍ରା ପ୍ରତିଯୋଗିତାରେ ସାମିଲ ହୋଇଛି । ଏଥିରେ ଦୈତାରି ପଣ୍ଡାଙ୍କୁ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିଛି । ରତି-ମିଟୁନା ଓ ମୁନା-ରୂପା ଯୋଡ଼ିଙ୍କ ଅଭିନୟ ସାଙ୍ଗକୁ ଦୈତାରିଙ୍କ ଜବରଦସ୍ତ ଡାଇଲଗ ଦେଖିବାକୁ ମିଳିଥିଲା । ସେହିଭଳି ଜୟଦୁର୍ଗା ସାଂସ୍କୃତିକ ପରିଷଦ ମଞ୍ଚ ମାଧ୍ୟମରେ ଗୌରୀ ଗଣନାଟ୍ୟ ଯାତ୍ରା ପ୍ରତିଯୋଗିତାରେ ସାମିଲ ହୋଇଛି । ଦୀପକ ଜେନାଙ୍କ ରଚିତ ଓ ବିନୋଦ ରାଉତଙ୍କ ନିର୍ଦ୍ଦେଶିତ 'ରାଣୀ ପଣ୍ଡାକୁ ଖଣ୍ଡଗିରି ମନା' ନାଟକ ଦର୍ଶକଙ୍କୁ ଭେଟି ଦେଇଛି । ଝଲିଉଡର ଚର୍ଚ୍ଚିତ ନାୟିକା ରାଣୀ ପଣ୍ଡାଙ୍କ ଜୀବନ ଉପରେ ଆଧାରିତ ଏହି ନାଟକରେ ରାଣୀଙ୍କ ଅଭିନୟ ଦର୍ଶକଙ୍କୁ ପ୍ରଭାବିତ କରିଥିଲା । ମାନସ ପଣ୍ଡା, ନାୟିକା କୁନି, ରୀତା, ବେବି ଓ ଖଳନାୟକ ରଞ୍ଜିତ ଦମ୍‌ଦାର ଡାଇଲଗ ପରିବେଷଣ କରିଥିଲେ ।

## ଦୈତାରିଙ୍କ 'ସେଇ ଗୋଟିଏ ଭୁଲ୍ ପାଇଁ'



କେତେବେଳେ ସେ ଗୋଖେଇ ସାହୁ ତ ଆଉ କେତେବେଳେ କେନ୍ଦ୍ରାପଡ଼ା ବାବା । ଏଭଳି ଅନେକ ନାମରେ ପରିଚିତ ଯାତ୍ରା ଟାଇଗର ଦୈତାରି ପଣ୍ଡା । ଦମଦାର ଡାଇଲଗରେ ଦର୍ଶକଙ୍କ ମନୋରଞ୍ଜନ କରୁଥିବା ଖଳନାୟକ ଦୈତାରିଙ୍କୁ ଆଜି ଭିନ୍ନ ଭୂମିକାରେ ଦେଖିବାକୁ ମିଳିଛି । ଦୈତାରି ନିଜେ ଭୋ ଭୋ ହୋଇ କାନ୍ଦିବା ସହିତ ଦର୍ଶକଙ୍କୁ ମଧ୍ୟ କନ୍ଦାଇଛନ୍ତି । ଜଣେ ବିଧର୍ମୀ ଜଗନ୍ନାଥଙ୍କୁ ଅବମାନନା କରି କିପରି ତାର ପ୍ରତିଫଳନ ଭୋଗୁଛି କାହାଣୀରେ ତାହା ଦେଖିବାକୁ ମିଳିଥିଲା । ଦୈତାରି ପଣ୍ଡା ଜଣେ କୋଟିପତି ଭୂମିକାରେ ନଜରକୁ ଆସିଛନ୍ତି । ବ୍ରାହ୍ମଣମାନଙ୍କ ବିରୋଧ ସତ୍ତ୍ୱେ ନୂଆ ଫ୍ୟାକ୍ଟ୍ରି ନିର୍ମାଣ କରିବା ପାଇଁ ଜଗନ୍ନାଥଙ୍କ ମନ୍ଦିରକୁ ଭାଙ୍ଗି ଦେଇଛନ୍ତି । ଯେଉଁଥିପାଇଁ ତାଙ୍କର ଆଉ ଏକ ଫ୍ୟାକ୍ଟ୍ରିରେ ନିଆଁ ଲାଗିଯିବା ସହିତ ଭାଇ ଦୃଷ୍ଟିଶକ୍ତି ହରାଇଛନ୍ତି । ଏଥିସହିତ ଭଉଣୀ ଅପହରଣ ହେଉଥିବାବେଳେ ଝିଅ ମୂକ ହୋଇ ଯାଉଛନ୍ତି । ପରିସ୍ଥିତି ଏପରି ହେଉଛି ଯେ ଦୈତାରି କୋଟିପତିରୁ ବଡ଼ଦାଣ୍ଡର ଭିକାରୀ ହୋଇ ଭିକ ମାଗୁଛନ୍ତି । ମଶାଣି ଚଣ୍ଡୀଆ ହୋଇ ମାଶାଣିରେ ଶବ ଦାହ କରି ଜୀବନ ଯାପନ କରୁଛନ୍ତି ।

### ● 'ଜୀବନ ଠାରୁ ମଶାଣି କେତେ ବାଟ'

ହେ ଜଗନ୍ନାଥ । ମୋତେ ମଶାଣି ଚଣ୍ଡୀଆ କରିଦେଲୁନି ଯେ, ଜଣାଇଦେଲୁ ଜୀବନ ଠାରୁ ମଶାଣି କେତେ ବାଟ । ଗରିବ ହେଉ ଅବା ଧନୀ, ପଲଙ୍କରେ ଶୋଇଥାଉ ବା ଛିଣ୍ଡା ମଶିଣାରେ ଶୋଉଥାଉ । ସମସ୍ତେ ଦିନେ ନା ଦିନେ ଏଇଠିକି ଆସିବେ ଆଉ ମଶାଣୀ ଯୁଇରେ ଶୋଇବେ । ଏ ମଣିଷ ସବୁ ଧାଇଁବାର ଶେଷ ଯଦି ମଶାଣୀ, ସବୁ ସୁଖର ଶେଷ ଯଦି ମୁଠାଏ ପାଉଁଶ, ତାହାଲେ କାହିଁକି ଏ ଗର୍ବ ! କାହିଁକି ଏ ଅହଙ୍କାର ! କାହିଁକି ଏ ଅଧର୍ମ । ହେ ଜଗନ୍ନାଥ ଜଗତକୁ ରକ୍ଷା କର ପ୍ରଭୁ, ମଣିଷକୁ ଭଲ ବୁଦ୍ଧି ଦିଅ । ଶାନ୍ତି ଦିଅ । କୋଣାର୍କ ଗଣନାଟ୍ୟର 'ସେଇ ଗୋଟିଏ ଭୁଲ୍ ପାଇଁ' ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଦୈତାରିଙ୍କ ଜୀବନ୍ତ ଅଭିନୟ ଦର୍ଶକମାନଙ୍କୁ ଶେଷ ଯାଏଁ ବାନ୍ଧି ରଖିଥିଲା ।



ଖଣ୍ଡଗିରି-ଉଦୟଗିରି ମହୋତ୍ସବ

## ନାଚି ନଚାଇଲେ ଆଶୁତୋଷ ଓ ପ୍ରଜ୍ଞା

ଖଣ୍ଡଗିରିସ୍ଥିତ ଓଟିଡିସି ପାର୍କିକା ପରିସରରେ ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଓ କଲ୍ୟାଣ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଖଣ୍ଡଗିରି-ଉଦୟଗିରି ମହୋତ୍ସବର ରବିବାର ଦ୍ୱିତୀୟ ସନ୍ଧ୍ୟାରେ ସଙ୍ଗୀତ ଓ ନୃତ୍ୟରେ ଝୁମିଥିଲେ ଦର୍ଶକ । ଆରମ୍ଭରୁ ରାଉରକେଲାର ଆରଡିଏକ୍ସ ଡ୍ୟାନ୍ସ ଗ୍ରୁପର ନୃତ୍ୟଶିଳ୍ପୀମାନେ 'ଗଣେଶ ବନ୍ଦନା' ପରିବେଷଣ କରିଥିଲେ । ଏସିପି କୃଷ୍ଣଚନ୍ଦ୍ର ସେଠୀଙ୍କ କଣ୍ଠରୁ ଏଇ ଯେ ବନଲତା ପାହାଡ଼, ଚିଠି ମୋର ଟିକି ଚଢ଼େଇ ଭଳି ଶୁଣିବାର ସୁଯୋଗ ପାଇଥିଲେ ଦର୍ଶକ । ସେହିପରି ନୃତ୍ୟାଙ୍ଗନା ଶ୍ରାବଣୀ ଦାସ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ । ଦ୍ୱିତୀୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ କଣ୍ଠଶିଳ୍ପୀ ଆଶୁତୋଷ ମହାନ୍ତି ଓ ପ୍ରଜ୍ଞା ହୋତା । କଣ୍ଠଶିଳ୍ପୀ ଆଶୁତୋଷ ମହାନ୍ତିଙ୍କ 'ବଜରଙ୍ଗୀ ତୁ ମୋ ବଜରଙ୍ଗୀ', 'ରହିଯା ରଘୁଆ ଖାଇକି ଯିବୁ' 'ଓଷଦ ନେଇ ଆ ଜାନିଆ', 'ଆଜ୍ ବୁ ହେ ପାନି ପାନି', 'ବୋଉ ମାରିବ' ଭଳି ଗୀତ ଶ୍ରୋତାଙ୍କୁ ମତୁଆଲା କରିଥିଲା । କଣ୍ଠଶିଳ୍ପୀ ପ୍ରଜ୍ଞା ହୋତାଙ୍କ 'ଓ ବେବି ଓ ବେବି', 'ମୋତେ ତୁ ତୋ ପ୍ରେମରେ ଟୋପା ଟୋପା ମେଘ କରିଦେ', 'ମୋର ମନ ଉଡ଼ିଯାଏ ରେ', 'ଏକେଡ଼ା ଏକେଡ଼ା' ମୁହାଁମୁହିଁ ଦେଖା ହେଲେ ମୁହଁ ପୋତି ଦେଉଛ, କିଛି ଦୂର ଗଲେ ପୁଣି ବୁଲି ବୁଲି ଚାହୁଁଛ' ଭଳି ଗୀତର ମଜା ଉଠାଇବା ସହିତ ନାଚିଥିଲେ ଦର୍ଶକ । ମଞ୍ଚ ତଳେ ବସିଥିବା କୁନି କୁନି ପିଲାମାନଙ୍କୁ ଉପରକୁ ନେଇ ନଚାଇଥିଲେ କଣ୍ଠଶିଳ୍ପୀ ପ୍ରଜ୍ଞା ଓ ଆଶୁତୋଷ । ଦ୍ୱିତୀୟ ସନ୍ଧ୍ୟାକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ସମସ୍ତ କଳାକାରଙ୍କୁ ମନ୍ତ୍ରୀ ଶ୍ରୀ ପଣ୍ଡା ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ କର୍ପୋରେଟର ସଂଯୁକ୍ତା ସୁନ୍ଦରାୟ, କିରଣବାଳା ମାଝୀ, ସକିବା ମୁସାରତ୍, ଅନୁଷ୍ଠାନର ସହ ସମ୍ପାଦକ ମନୋଜ ବେହେରା, ସୁଜିତ୍ ସ୍ୱାଇଁ, ଅଶ୍ୱିନୀ ସୁନ୍ଦରାୟ, ହୃଦୟ ବଲ୍ଲଭ ସାମନ୍ତରାୟ, ରାଜେଶ୍ ପାତ୍ର, ଲୋଚନ ଜେନା, ଅଶୋକ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଦ୍ୱିତୀୟ ସନ୍ଧ୍ୟାରେ ମୁନମୁନ ସିଂଙ୍କ ଉପସ୍ଥାପନା ଶୈଳୀ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା ।



## ଆରମ୍ଭରୁ ରବିବାରିଆ ଭିଡ଼



ମାଘ ସପ୍ତମୀରୁ ଆରମ୍ଭ ହୋଇଥିବା ଖଣ୍ଡଗିରି ମେଳାର ରବିବାର ଥିଲା ୩ୟ ଦିନ । ରବିବାର ଛୁଟିଦିନ ଥିବାରୁ ମେଳାରେ ଲୋକଙ୍କ ଅଧିକରୁ ଅଧିକ ଭିଡ଼ ପରିଲକ୍ଷିତ ହୋଇଥିଲା । ସାରାଦିନ ମେଳା ପରିସରରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ ସନ୍ଧ୍ୟାରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଭିଡ ଯୋଗୁ ଗାଡ଼ି ଷ୍ଟାଣ୍ଡରେ ମଧ୍ୟ ଲୋକ ଗାଡ଼ି ରଖିବାକୁ ଜାଗା ପାଇ ନ ଥିଲେ ଲୋକେ । ସେହିପରି ଲୋକ ଫୁଡ୍‌କୋର୍ଟ ପରିସରରେ ମଧ୍ୟ ଭିନ୍ନ ଭିନ୍ନ ଖାଦ୍ୟର ମଜା ନେଇଥିଲେ । ପାଖାପାଖି ୫୦ରୁ ଅଧିକ ଫୁଡ୍ ଷ୍ଟଲ୍ ମେଳାରେ ରହିଛି । ଉଭୟ ଫୁଡକୋର୍ଟ ଓ ମୀନା ବଜାରରେ ସମାନ ସ୍ଥିତି ଦେଖିବାକୁ ମିଳିଥିଲା । ମହିଳାମାନେ ଆଚାର, ପାମ୍ପଡ ଓ ଘରର ଅନ୍ୟାନ୍ୟ ଷ୍ଟଲ ସମ୍ମୁଖରେ ଭିଡ଼ କରିଥିଲେ । ମେଳାରେ ଦୋଳି ହେଉଛି ମୁଖ୍ୟ ଆକର୍ଷଣ । ବିଶେଷକରି ଛୋଟ ପିଲାଙ୍କଠାରୁ ଆରମ୍ଭକରି ଯୁବପିଢ଼ିଙ୍କ ମଧ୍ୟରେ ବିଭିନ୍ନ ଦୋଳିକୁ ନେଇ ଉତ୍ସାହ ପରିଲକ୍ଷିତ ହୋଇଥିଲା । ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ସାଧୁସନ୍ଥଙ୍କ ହୋମଯଜ୍ଞ ପରିବେଶକୁ ଭକ୍ତିମୟ କରୁଛି । ସାଧୁସନ୍ଥଙ୍କ ଦର୍ଶନ ସାଙ୍ଗକୁ ଲୋକେ ଦାନଧର୍ମରେ ଲାଗି ପଡ଼ିଛନ୍ତି । ଶ୍ରଦ୍ଧାଳୁମାନେ ଖଣ୍ଡଗିରିର ଅଧିଷ୍ଠାତ୍ରୀ ଦେବୀ ବାରଭୂଜା ଓ ଜୈନ ମନ୍ଦିର ଦର୍ଶନ କରିଥିଲେ । ଏହି ହୋମଯଜ୍ଞ ଅଗିରାପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିବ । ସେହିପରି ପ୍ରତ୍ୟେକଦିନ ଭାଗବତ ପାଠ ସହ ହନୁମାନ ଚାଳିଶା ଓ ପ୍ରବଚନ ମଧ୍ୟ ଚାଲିଛି । ମନ୍ଦିର ପାଦଦେଶରେ ନାଗା ବାବା, ବେଦାନ୍ତୀ, ରାମାନନ୍ଦୀ ଓ କୃଷ୍ଣାନ୍ଦୀ ବାବା ଆସି ତପସ୍ୟାରତ ଅଛନ୍ତି ।

## ଜ୍ୟୋତିଷ କରୁଛନ୍ତି ଭାଗ୍ୟ ଗଣନା

ବର୍ତ୍ତମାନ ସମୟରେ ମଧ୍ୟ ଜ୍ୟୋତିଷଙ୍କ ଚାହିଦା କମି ନାହିଁ । ମେଳା ମହୋତ୍ସବରେ ଲୋକ ପ୍ରଥମେ ଯାଉ ଯାଉ ସେଠାରେ ହିଁ ଭିଡ ଜମେଇଥାନ୍ତି । ସେହିପରି ଖଣ୍ଡଗିରି ମେଳାରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳୁଛି । ମେଳାରେ ଲୋକ ଜ୍ୟୋତିଷଙ୍କ ପାଖରେ ସବୁଠୁ ଅଧିକ ଭିଡ଼ ଜମାଉଥିବାର ପରିଲକ୍ଷିତ ହେଉଛି । ଲୋକ ନିଜ ବିଶ୍ୱାସ ନେଇ ହାତ ଦେଖାଇବାକୁ ସେଠାରେ ଚାହିଁ ରହିଛନ୍ତି । କିଏ ନିଜ ଚାକିରି ତ କିଏ ବିବାହ ତ କିଏ ଅର୍ଥ ସମସ୍ୟା ନେଇ ପହଞ୍ଚୁଛନ୍ତି ଜ୍ୟୋତିଷଙ୍କ ପାଖରେ । ଅନ୍ୟମାନଙ୍କ ଅପେକ୍ଷା ମହିଳାମାନେ ନିଜ ନିଜ ସମସ୍ୟା ନେଇ ଧାଡ଼ି ଲଗାଇଛନ୍ତି । ପରିବାରର ମଙ୍ଗଳ କାମନା ପାଇଁ ବିଭିନ୍ନ ପ୍ରତିକାର ପଚାରି ଜ୍ୟୋତିଷଙ୍କଠୁ ବୁଝୁଥିବାର ଦେଖିବାକୁ ମିଳିଛି ।

## 'ଭଲ ନାଟକ ଦେଖିବାକୁ ଜିଦ୍ କରନ୍ତୁ ଦର୍ଶକ'



ଖଣ୍ଡଗିରି ଯାତ୍ରା ମହାକୁମ୍ଭ ଅବସରରେ ଅଭିନେତା **ହୃଷୀକେଶ ମିଶ୍ର**ଙ୍କ ସହ 'ସକାଳ' ପ୍ରତିନିଧିଙ୍କ ସ୍ୱତନ୍ତ୍ର ସାକ୍ଷାତକାର

- **ଖଣ୍ଡଗିରି ଯାତ୍ରା ମହାକୁମ୍ଭ ସହ ଆପଣଙ୍କ ସମ୍ପର୍କ କେତେଦିନର ?**

- ୧୯୯୧ ମସିହା ତ୍ରିନାଥ ଗଣନାଟ୍ୟରେ ମୋ ଯାତ୍ରା ଅଭିନୟ ଆରମ୍ଭରୁ । ତେବେ ୧୯୯୯ ମସିହାରୁ ମୁଁ ନିୟମିତ ଖଣ୍ଡଗିରି ଯାତ୍ରା ମହାକୁମ୍ଭକୁ ଆସୁଛି ।

- **ଖଣ୍ଡଗିରି ଯାତ୍ରା ମହାକୁମ୍ଭ ସହ ଆପଣଙ୍କ ଭାବପ୍ରବଣତା କେତେ ଜଡ଼ିତ ରହିଛି ?**

- ତାହା ଭାଷାରେ କହି ହେବନି । ଓଡ଼ିଶାର ଅନ୍ୟ ପେଣ୍ଡାଲରେ ଯେତେ ନାଟକ କଲେ ମଧ୍ୟ ଖଣ୍ଡଗିରି ପେଣ୍ଡାଲକୁ ନ ଆସିଲେ କିଛି ଅଧୁରା ରହିବା ପରି ଲାଗେ । ବିଶେଷକରି ସାଧୁସନ୍ଥଙ୍କ ଆଶୀର୍ବାଦ ନେବାର ସୁଯୋଗ ମିଳେ ।

- **୧୯୯୧ ର ଖଣ୍ଡଗିରି ଯାତ୍ରା ଅନୁଭୂତି ଆଉ ଆଜିର ଦିନରେ ଯାତ୍ରା ଅନୁଭୂତିରେ ଫରକ କଣ ?**

- ଅଲଗା ଅଲଗା ଭାବେ କହିବି । ସେତେବେଳେ ଆମେ ଯାତ୍ରା କରିବାକୁ ଆସିଲେ ଏକ ଗାଁରେ ରହିଲା ଭଳି ଲାଗୁଥିଲା । ସ୍କୁଲ ଘରେ ଆମେ ଏକାଠି ରହୁଥିଲୁ । ପୋଖରୀକୁ ଗାଧୋଇବାକୁ ଯାଇଥିଲୁ । ଏବେ ଆମକୁ ରହିବା ପାଇଁ ହୋଟେଲରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଅନ୍ୟପକ୍ଷରେ ଦେଖିଲେ ସେତେବେଳେ ଅଭିନୟର ଖେଳ ଅଧିକ ଥିଲା । ମଞ୍ଚରେ ଅଭିନୟକୁ ଗୁରୁତ୍ୱ ଦିଆଯାଉଥିଲା । ବିଶେଷକରି ଡାଇଲଗ୍ ଡେଲିଭରି, ତତ୍କାଳ ମଞ୍ଚ ପରିଚାଳନା ଅଭିନେତା/ଅଭିନେତ୍ରୀ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ଏବେ ମଞ୍ଚରେ ଅଭିନୟ କମ ଓ ଆଲୋକ, ତଥା ଆଧୁନିକ ବୈଷୟିକ ଜ୍ଞାନକୌଶଳ ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି ।

- **ଏବେ ଯାହା ଦେଖୁଛୁ ଆପଣଙ୍କ ପିଢ଼ିର ପାଞ୍ଚ/ ସାତ ଜଣ ଜଣାଶୁଣା ଯାତ୍ରା ସେଲିବ୍ରିଟିଙ୍କୁ ଛାଡ଼ିଲେ ଅନ୍ୟମାନେ ବା ନୂଆପିଢ଼ିଙ୍କୁ ଯାତ୍ରାରେ ଦେଖିବାକୁ ମିଳୁନି । ପ୍ରକୃତ କଥା ମାଲିକମାନେ ନୂଆ ପିଢ଼ିକୁ ବିଶ୍ୱାସ ପରିସରକୁ ନେଉ ନାହାନ୍ତି ନା ନୂଆପିଢ଼ି ଆସୁନାହାନ୍ତି ?**

- ମାଲିକ ସୁଯୋଗ ଦେବା ନ ଦେବା ପରକଥା । ନିହାତି କହିବି ମାଲିକମାନେ ଯେତେବେଳେ କୋଟିକୋଟି ଟଙ୍କା ଏହି ବ୍ୟବସାୟରେ ବିନିଯୋଗ କରୁଛନ୍ତି ସେମାନେ ରିସ୍କ ନେବା ନ ନେବା ପ୍ରତି ଧ୍ୟାନ ଦେବା ଉଚିତ୍ । କିନ୍ତୁ ମୂଳକଥା ହେଲା, ନୂଆ ପିଢ଼ିର ଯୁବକଙ୍କ ଭିତରେ ଅଭିନୟ ପ୍ରତି ଆଉ ସମର୍ପଣ ମନୋଭାବ ନାହିଁ । କେଉଁ କିଛି ଯୁବକ ଆସୁଛନ୍ତି ତାଙ୍କ ଭିତରେ ଧୈର୍ଯ୍ୟ ନାହିଁ । ସେମାନଙ୍କୁ କେବଳ ରାତାରାତି ସେଲିବ୍ରିଟି ହେବାର ସ୍ୱପ୍ନ ଘାରିଛି ।

- **ପୂର୍ବାପେକ୍ଷା ଆଜିର ଯାତ୍ରା ନାଟକ ଭିତରେ ପାର୍ଥକ୍ୟ କ'ଣ ଅନୁଭବ କରୁଛନ୍ତି ?**

- ଆକାଶ-ପାତାଳ ପାର୍ଥକ୍ୟ ରହିଛି । ସବୁକ୍ଷେତ୍ରରେ ଫରକ ରହିଛି । ଆଗରୁ ଜଣେ ନାଟ୍ୟକାର ଗୋଟିଏ ନାଟକ ଲେଖିବାକୁ ୬ରୁ ୮ ମାସ ସମୟ ନେଉଥିଲେ । ଏବେ ଜଣେ ଜଣେ ନାଟ୍ୟକାର ବର୍ଷକୁ ୫/୬ଟା ଯାତ୍ରା ନାଟକ ଲେଖୁଛନ୍ତି । ଆଜିର ଯାତ୍ରା କାହାଣୀରେ ପୂର୍ବଭଳି ଦମ୍ ରହୁନି ।

- **ଖଣ୍ଡଗିରିକୁ ଦର୍ଶକ ଯାତ୍ରା ପାର୍ଟିକୁ ଦେଖି ଆସୁଛନ୍ତି ନା କଳାକାରଙ୍କୁ ଦେଖି ତାଙ୍କ ଫ୍ୟାନମାନେ ଅଧିକ ଆସୁଛନ୍ତି ?**

- କେତେକ ପ୍ରତିଷ୍ଠିତ ଯାତ୍ରାପାର୍ଟି ଦେଖି ଆସୁଛନ୍ତି କିନ୍ତୁ ଅଧିକାଂଶ କଳାକାରଙ୍କୁ ଦେଖି ଆସୁଛନ୍ତି ।

- **ଆଜିର ଦିନରେ ଆପଣଙ୍କ ପକେଟ୍ ଦର୍ଶକଙ୍କୁ ଆପଣ କେତେ ବାନ୍ଧି ରଖିପାରିବେ?**

- ଯେତେଦିନ ଯାଏଁ ଦର୍ଶକେ ଆମ ଅଭିନୟକୁ ଗ୍ରହଣ କରୁଥିବେ । ପ୍ରଶଂସକଙ୍କୁ ବାନ୍ଧି ରଖିବା ପାଇଁ ବହୁ ପରିଶ୍ରମ କରିବାକୁ ପଡୁଛି ଓ ଆଗକୁ ପରିଶ୍ରମ କରିବାକୁ ପଡ଼ିବ ।

- **ଆଜିର ଦିନରେ ରେକର୍ଡ ଡ୍ୟାନ୍ସ ଯୁଗରେ ଯାତ୍ରା ନାଟକ ଗୌଣ ହୋଇଯାଉନି କି ?**

- ଯଦିବା ଆଜିର ଦିନରେ ମେଲୋଡି ରେକର୍ଡ ଡ୍ୟାନ୍ସ ସରିଗଲେ ୪୦ ପ୍ରତିଶତ ଦର୍ଶକ ଉଠି ଯାଉଛନ୍ତି ତଥାପି କହିବି ଅବଶିଷ୍ଟ ୬୦ ପ୍ରତିଶତ ଦର୍ଶକ ଯାତ୍ରା ହିଁ ଦେଖିବାକୁ ଆସୁଛନ୍ତି ।

- **ଦର୍ଶକଙ୍କୁ ସମ୍ପୂର୍ଣ୍ଣ ଯାତ୍ରା ନାଟକମୁହାଁ କରିବା କାହାର ଦାୟିତ୍ୱ ?**

- ଯାତ୍ରା କଳାକାରଙ୍କ ଠାରୁ ଆରମ୍ଭ କରି ପାର୍ଟି ମାଲିକ, ପରିଚାଳନା କମିଟି ସଦସ୍ୟ ତଥା ସର୍ବୋପରି ସଚେତନ ଦର୍ଶକଙ୍କ ଦାୟିତ୍ୱ । ଲୋକେ ଯେବେ କେବଳ ଯାତ୍ରା ଦେଖିବାକୁ ଚାହିଁବେ ସେବେ ଏହି ଧାରା ବଦଳିବ । ଗୋଟିଏ ଗୋଟିଏ କଥା ନିହାତି କହିବି ଦର୍ଶନମାନେ ଭଲ ନାଟକ ଦେଖିବାକୁ ଜିଦ୍ କରନ୍ତୁ ।



# ଭୁବନେଶ୍ୱର ସିଟି



# ଡଗ୍ ସୋ'ରେ ୪୪ ପ୍ରଜାତିର କୁକୁର

ଭୁବନେଶ୍ୱର, ୧୮ ।୨(ସମିସ):

ଯେଉଁଠି ବସାଇଲେ ବସୁଥିଲେ । ମାଲିକ ନ କହିଲା ପର୍ଯ୍ୟନ୍ତ ଏପଟସେପଟ ବି ହେଉ ନ ଥିଲେ । କେବଳ ବସିବା ଖାଇବା କଥା ମାନିବା ନୁହେଁ ମାଲିକ ଯାହା ଇସାରା ଦେଉଥିଲେ କୁକୁରମାନେ ସେଇଆ କରୁଥିଲା । ମାଲିକ ଆଦେଶକୁ ତତ୍‌କ୍ଷଣାତ୍ କାମରେ ଲଗାଉଥିଲେ । କୁକୁରଗୁଡ଼ିକ ମାଲିକର ଏଭଳି ଯତ୍ନ ନେଇଥିଲେ ଯେ, ମାଲିକ ସହ ହାତ ମିଳାଇବାକୁ ଆସୁଥିବା କୌଣସି ବ୍ୟକ୍ତିକୁ ଦୂରରୁ ଦେଖି ତାର ସ୍ୱଭାବ ପରଖି ନେଉଥିଲେ । ଏପରିକି ମାଲିକର କୌଣସି ଜିନିଷ ହଜିଗଲେ ତୁରନ୍ତ ଖୋଜି ଆଣି ମାଲିକ ହାତରେ ଧରାଇ ଦେଉଥିଲେ । କୁକୁରଙ୍କ ଏଭଳି ସ୍ୱଭାବ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ ଦର୍ଶକ । ଅବସର ଥିଲା ମତ୍ସ୍ୟ-ପ୍ରାଣୀ ସମାବେଶର ଶେଷ ଦିନର ଡଗ୍ ସୋ । ଏଥିରେ ପ୍ରାୟ ବିଭିନ୍ନ ପ୍ରଜାତିର ୪୪କୁକୁର ଭାଗ ନେଇଥିଲେ । କୁକୁରମାନେ କେତେ ତାଲିମପ୍ରାପ୍ତ ଓ ମାଲିକମାନଙ୍କ ପ୍ରତି କେତେ ଆଜ୍ଞାଧୀନ ଏହା ପ୍ରମାଣ କରିବା ଡଗ୍ ମୂଳ ଉଦ୍ଦେଶ୍ୟ ଥିଲା ।

## ପାର୍ଲର ଯାଉଛି, ଇନ୍‌ଷ୍ଟାଗ୍ରାମ୍‌ରେ ଚଲାଉଛି କୁକୁର



ସବୁବେଳେ ସଜେଇ ରହିବାକୁ ଭଲପାଏ ବିସ୍‌କୋନ୍ ଫ୍ରିଜି । ଜୁରୀ ନାମକ ଏକ କୁକୁର ପ୍ରତ୍ୟେକମାସରେ ୨ଥର ପାର୍ଲର ଓ ସ୍ପା ଯାଉଛି । ଏଠାରେ ବାଳ, ନଖ କାଟୁଛି ଓ ଗାଧୋଉଛି । ଜୁରୀ ପାଇଁ ତାଙ୍କ ମାଲିକ ଯୋଏକ୍ରଷ୍ଟା ପ୍ରତ୍ୟେକଥର ସ୍ପାରେ ୧୫ଶହରୁ ୨ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି । ଏହାସହ ଜୁରୀ କଷ୍ଟମାଇଜ୍ ପୋଷାକ ଆଉ ଶାଢ଼ି ପିନ୍ଧୁଛି । ସେହିପରି ଜୁରୀ ଡଟ୍ ପୁରୀ ନାମରେ ଏହି କୁକୁରର ଏକ ଇଷ୍ଟାଗ୍ରାମ୍ ଆକାଉଣ୍ଟ ରହିଛି । ଇନ୍‌ଷ୍ଟାଗ୍ରାରେ ହାଜାର ହଜାରର ଲୋକ ଜୁରୀର ଫଲୋଅର ଅଛନ୍ତି ।

ବେଲଜିଆନ୍ ମାଲିନଏ- ସୁରକ୍ଷା ବାହିନୀର ଏବେ ପ୍ରଥମ ପସନ୍ଦ ପାଲଟିଛି ବେଲ୍‌ଜିଆନ୍ ମାଲିନଏ ପ୍ରଜାତିର କୁକୁର । ଭାରତୀୟ ଜଳବାୟୁ ସହିତ ଖାପଖୁଆଇ ପାରୁଥିବା ଏହି ପ୍ରଜାତିର କୁକୁରକୁ ପୁଲିସ, ସିଆଇଏସ୍‌ଏଫ୍ ଏବଂ ଅନ୍ୟାନ୍ୟ ସୁରକ୍ଷା ସଂସ୍ଥାର ଡଗ୍ ସ୍କ୍ୱାଡ୍‌ରେ ଏହାକୁ ସାମିଲ କରାଯାଉଛି । ଏହି ପ୍ରଜାତିର କୁକୁର ଅଧିକ ଚତୁର, ଦକ୍ଷ । ବୋମା ଚିହ୍ନଟ କରିବା, ମାଓ ମୁକାବିଲା ଓ ଆତଙ୍କବାଦୀ ଆକ୍ରମଣ ବେଳେ ଏହାକୁ ଦେଖିବାକୁ ମିଳିଥାଏ । ଏହି କୁକୁର ସମାବେଶର ମୁଖ୍ୟ ଆକର୍ଷଣ ପାଲଟିଥିଲା ।

## ବଡ଼ ବାଛୁରି ଉଚ୍ଚର କୁକୁର



ମେଳାରେ ବଡ଼ ବାଛୁରି ସଦୃଶ କୁକୁରଙ୍କୁ ଦେଖିବାକୁ ମିଳିଥିଲା । ଯାହା ଗ୍ରେଟ୍ ଡେନ୍ ପ୍ରଜାତିର । ଏହାର କାନ୍ଧ ପର୍ଯ୍ୟନ୍ତ ଉଚ୍ଚତା ୨୯-୩୩ ଇଞ୍ଚ ମଧ୍ୟରେ ରହିଥାଏ । ଗ୍ରେଟ୍ ଡେନ୍ ଘର ଭିତରେ ସବୁ ସମୟରେ ସଜାଗ ପ୍ରହରୀ ଭଳି ଜଗି ରହିଥାଏ । ସାଇବେରିଆ ଭଳି ଥଣ୍ଡା ଜାଗରେ ରହୁଥିବା ସାଇବେରିଆନ୍ ହକ୍ସି ପ୍ରଜାତି କୁକୁରର ଡିମାଣ୍ଡ ସବୁଠାରୁ ଅଧିକ । ଏମାନଙ୍କୁ ଓଡ଼ିଶା ଭଳି ଉଷ୍ଣ-ଆଦ୍ର ଜଳବାୟୁରେ ଆଣି ଶୀତତାପ ନିୟନ୍ତ୍ରିତ କୋଠରୀରେ ସବୁ ସମୟରେ ରଖୁଛନ୍ତି । ଆମେରିକାନ୍ ଆକିଟା ପ୍ରଜାତିର କୁକୁର ଦେଖିବାକୁ ଅତି ସୁନ୍ଦର । ମାଲିକଙ୍କୁ ଖୁବ୍ ଭଲ ପାଆନ୍ତି । ମାଲିକ ଉପରେ ସାମାନ୍ୟ ଆଞ୍ଚ ଆସିଲେ ତୁରନ୍ତ ପ୍ରତିବାଦ କରିଥାନ୍ତି ।

## 'ଦେଶୀ' ବି ମାନୁଛି ବୋଲ



ଦେଶୀ କୁକୁର ମଧ୍ୟ ବିଦେଶୀ କୁକୁରଙ୍କ ଠାରୁ କୌଣସି ଗୁଣରେ କମ୍ । ଏହାର ଯତ୍ନ ନେଲେ ଓ ସଠିକ୍ ତାଲିମ୍ ଦେଲେ ଦେଶୀ କୁକୁର ମଧ୍ୟ ବିଦେଶୀ ବ୍ରିଡର କୁକୁରଙ୍କ ବୋଲ ମାନିବ । ଡଗ୍ ସୋ'କୁ ଆସିଥିବା ଏକ ଦେଶୀ କୁକୁରର ମାଲିକ ପ୍ରତି ଭଲପାଇବା ଏବଂ ମାଲିକ ଇସାରାରେ କାମ କରିବାକୁ ନେଇ ସମସ୍ତେ ଚକିତ ହୋଇଥିଲେ । ଏହା ବ୍ୟତୀତ ଫ୍ରେଞ୍ଚ ବୁଲଡଗ୍, ସାଲୁକି, ରଟ୍ ୱିଲର, ଗୋଲଡେନ୍ ରିଟ୍ରିଭର ଭଳି ପ୍ରଜାତିର କୁକୁରଙ୍କୁ ଏହି ଡଗ୍ ସୋ'ରେ ଦେଖିବାକୁ ମିଳିଥିଲା ବୋଲି ଓଡ଼ିଆ କେନେଲ କ୍ଲବ୍‌ର ସଭାପତି ସୁବ୍ରତ ପୃଷ୍ଟି କହିଛନ୍ତି ।

### ଜୀବନର କେତେ ରଙ୍ଗ

## ଜରି ଗୋଟାଇଲେ ପରିବାର ଚଳେ

ଭୁବନେଶ୍ୱର, ୧୮।୨ (ସମିସ): ଦରକାରୀ ଜିନିଷକୁ ବାଛିନେବାପରେ ଆମେ ଯାହା ଫିଙ୍ଗି ଦେଉ ସେସବୁ ଅଦରକାରୀ । ଆମେ ଦରକାରୀର ତୋଳାଳୀ । ସିଏ ଅଦରକାରୀର ମାଳି । ସମାଜ ତାଙ୍କୁ କହେ ଜରିଗୋଟାଳି । ଯିଏ ଏ ସମାଜରୁ ପୁରୁଣା ବାଛି ନେଇ ନୂଆ କରେ ସଡ଼କ, ସଭ୍ୟତା ଆଉ ସାରା ସଂସାର । ନିଜ କର୍ମକୁ ଆଦରି ନେଇ ଯିଏ ନିଇତି ନୂଆ କରି ଚାଲନ୍ତି ଏ ପୃଥିବୀକୁ ସିଏ ହିଁ ଜରି ଗୋଟାଳି । ସେମିତି ଜଣେ ମଣିଷ ହେଉଛନ୍ତି ସରିତା(୩୫) । ହସ ହସ ମୁହଁ । ଆଉ ନିଜ କାମକୁ ନେଇ ପ୍ରଚୁର ଉତ୍ସାହ । ସରିତା ସକାଳ ୬ ରୁ ଉଠି ଜରି ଗୋଟାଇବାକୁ ଘରୁ ବାହାରି ଯାଆନ୍ତି । ସନ୍ଧ୍ୟା ୬ ଯାଏଁ ଲାଗିଥାନ୍ତି କାମରେ । ୧୫ ବର୍ଷର୍ ବୟସରୁ ମାଆଙ୍କ ସହ ମିଶି ଜରି ଗୋଟାଇବା ଆରମ୍ଭ କରିଥିଲେ । ସେବେଠୁ ଆଜି ପର୍ଯ୍ୟନ୍ତ ଏହି କାମକରି ତାଙ୍କ ପରିବାରର ପେଟ ପୋଷୁଛନ୍ତି । ଯାହା ଆମ ପାଇଁ ଅଦରକାରୀ ତାହା ତାଙ୍କ ପେଟ ପାଟଣାର ମାଧ୍ୟମ ବୋଲି କୁହନ୍ତି ସରିତା । ବାହାଘର ପରେ ମଧ୍ୟ ସେ ଏହି କାମ କରିବା ଛାଡ଼ିନାହାନ୍ତି । ଅଶୋକ ନଗର, ଏକ ନମ୍ବର ହାଟ, ଏଜି ଛକ, ଶିଶୁଭବନ ଛକ, ବାପୁଜୀ ନଗର ଆଦି ସ୍ଥାନରୁ ସେ ପ୍ରତ୍ୟେକ ଦିନ ଜରି ଗୋଟାଇ ଗୋଦାମରେ ଦେଇଥାନ୍ତି । ସରିତାଙ୍କ ଏ ନିତିଦିନିଆ କାମ । ବୟସ ଅନୁସାରେ କିନ୍ତୁ ଏହି କାମକୁ ନେଇ ଅଭିଜ୍ଞତା ଅଧିକ । ଦୀର୍ଘବର୍ଷ ହେଲାଣି ସେ କାମରୁ ଛୁଟି ନେଇ ନ ଥିବା କଥା କୁହନ୍ତି । ନିଜ ଦୁଇ ପୁଅ ଝିଅଙ୍କୁ ପଢ଼େଇବା ସହ ଭଲ ମଣିଷକରି ଗଢ଼ିବା ତାଙ୍କର ଲକ୍ଷ୍ୟ । ତାଙ୍କ ଛୁଆ ତାଙ୍କ ପରି ଏହି କାମ ନ କରି କେମିତି ଭଲ ଚାକିରି ଖଣ୍ଡେ କରିବେ ତାଙ୍କର ସ୍ୱପ୍ନ ବୋଲି ସେ କୁହନ୍ତି । ସେଥିପାଇଁ ଏହି କାମ ତାଙ୍କୁ କେବେ ହେଲେ ଛୋଟ ଭାବି ନାହାନ୍ତି । ସକାଳୁ ସଞ୍ଜ ହେଇଯାଏ ଜରି ଗୋଟାଇ ଗୋଟାଇ । କେବଳ ଯେ ସେ ଏକା ନୁହଁ ତାଙ୍କ ପରି ଆହୁରି ମହିଳା ଏହି ଜରି ଗୋଟାଇବା କାମ କରିଥାନ୍ତି । ଅଶୋକନଗରେ ତାଙ୍କ ଏକ ବସ୍ତି ରହିଛି । ଯେଉଁଠି ତାଙ୍କ ସହ ଆହୁରି ୧୦୦ ପରିବାର ଏହି ସମାନ କାମ କରୁଛନ୍ତି । ପେଟ ପୋଷିବା ପାଇଁ ଖରା ବର୍ଷାରେ ବି ବାହାରି ଯାନ୍ତି ଗଳିକନ୍ଦି ବୁଲି ଜରି ଗୋଟାଇବାରେ । କେବେ କେବେ କାମକୁ ନ ଆସିଲେ ସେଦିନ ଘରେ ଚୁଲି ଜଳେନି । ସମାଜରେ ଲୋକ ତାଙ୍କୁ ଏହି କାମପାଇଁ ନ୍ୟୁନ ଦୃଷ୍ଟିରେ ଦେଖିଲେ ବି ସେ କେବେ ତାଙ୍କ କାମକୁ ଛୋଟ ଭାବି ନାହାନ୍ତି ବୋଲି ଉତ୍ତର ଦେଇ କହିଥିଲେ । ଦିନକୁ ଯେତେ ବସ୍ତା ଜରି ସେଇ ହିସାବରେ ତାଙ୍କୁ ଗୋଦାମ ମାଲିକ ତାଙ୍କ ପ୍ରାପ୍ୟ ଦେଇଥାଏ । ସେ ଓ ତାଙ୍କ ସ୍ୱାମୀ ଦୁହେଁ ଏହି ଜରି ଗୋଟାଇବା କାମ କରିଥାନ୍ତି । ମୁହଁରେ ହସ ଆଉ କାନ୍ଧରେ ଜରି ବସ୍ତା ଧରି ଖରା, ବର୍ଷା ଆଉ ଶୀତକୁ ସେ ଅଙ୍ଗେ ନିଭେଇଛନ୍ତି ବୋଲି କୁହନ୍ତି ।



## ଜେଇଇ ମେନ୍‌ରେ ଫିଟ୍‌ଜୀ ଛାତ୍ରଛାତ୍ରୀଙ୍କ ସଫଳତା

ଭୁବନେଶ୍ୱର, ୧୮ ।୨(ସମିସ): ଜେଇଇ ମେନ୍ ସେସନ୍-୧ରେ ଫିଟ୍‌ଜୀ ଭୁବନେଶ୍ୱର କେନ୍ଦ୍ରର ୪ ବର୍ଷୀୟ କ୍ଲାସରୁମ୍ ଓ ପିନାକଲ୍ ଇଣ୍ଟିଗ୍ରେଟେଡ୍ ଦୁଇ ବର୍ଷିଆ କାର୍ଯ୍ୟକ୍ରମର ଛାତ୍ର ସତ୍ୟେନ୍ଦୁ କର ୯୯.୯୮୩୯ ଏନ୍‌ଟିଏ ସ୍କୋର ସହ ରାଜ୍ୟ ଟପ୍ପର ହୋଇଛନ୍ତି । ତାଙ୍କସହ କଟକ କେନ୍ଦ୍ରର ୪ବର୍ଷିଆ କ୍ଲାସରୁମ୍ ପ୍ରୋଗ୍ରାମର ଛାତ୍ର ଲକ୍ଷ୍ମୀକାନ୍ତ ନାୟକ ୯୯.୮୩୫୧ ଏନ୍‌ଟିଏ ସ୍କୋର ସହ କଟକ ସହର ଟପ୍ପର ହୋଇଛନ୍ତି । ଫିଟ୍‌ଜୀର ୮ ଜଣ ଛାତ୍ରଛାତ୍ରୀ ୧୦୦ ପର୍ସେଣ୍ଟାଇଲ୍ ହାସଲ କରିଛନ୍ତି । ସେହିପରି ଲଙ୍ଗ ଟର୍ମ କ୍ଲାସରୁମ୍ ପ୍ରେଗ୍ରାମର ୭ ଜଣ ଛାତ୍ରଛାତ୍ରୀ ସେମାନଙ୍କ ରାଜ୍ୟରେ ଓ ୧୩ ଜଣ ସେମାନଙ୍କ ସହରରେ ଟପ୍ପର ହୋଇଛନ୍ତି । ସମୁଦାୟ ୧୫୨୬ ଛାତ୍ରଛାତ୍ରୀ ୯୯ରୁ ଅଧିକ ପର୍ସେଣ୍ଟାଇଲ୍ ରଖିଛନ୍ତି । ରାଜ୍ୟ ଟପର ହୋଇଥିବା ସତ୍ୟେନ୍ଦୁ କର ନିଜ ପ୍ରତିକ୍ରିୟାରେ କହିଛନ୍ତି, ଆଇଆଇଟିରେ ପଢ଼ିବା ସ୍ୱପ୍ନକୁ ସାକାର କରିବାର୍ ଫିଟ୍‌ଜୀ ସହଯୋଗ କରିଛି । ଏହାର ଶୈକ୍ଷିକ ଶୈଳୀ ଓ ସାମ୍ଭାବ୍ୟ ପ୍ରଶ୍ନ ସଫଳତା ଦେଇଥିବା ସେ କହିଛନ୍ତି । ଫିଟ୍‌ଜୀ ଜେଇ ଭୁବନେଶ୍ୱର କେନ୍ଦ୍ରର ମୁଖ୍ୟ ରଞ୍ଜୟ ବର୍ଦ୍ଧନ କହିଛନ୍ତି, ପ୍ରାରମ୍ଭରୁ ମୌଳିକ ଉପାୟରେ ଛାତ୍ରଛାତ୍ରୀଙ୍କୁ ପ୍ରସ୍ତୁତ କରିବା ସଫଳତାଲ ଦେଇଥିବା କହିଛନ୍ତି । ଛାତ୍ରଛାତ୍ରୀଙ୍କ ତ୍ରୁଟିକୁ ଦେଖି ଶିକ୍ଷାଦାନ କରାଯାଉଥିବା ସେ ପ୍ରକାଶ କରିଛନ୍ତି । ଏହାସହ ଫିଟଜୀର ସମସ୍ତ ଅଧ୍ୟାପକ ଓ ସଦସ୍ୟଙ୍କୁ ସେ ଅଭିନନ୍ଦନ ସହ ଧନ୍ୟବାଦ ଜଣାଇଛନ୍ତି ।



## ଇଞ୍ଜାଣା ନେଲା ଟାଙ୍ଗିବନ୍ତ କପ୍

ନନ୍ଦନକାନନ, ୧୮।୨ (ସମିସ): ଭୁବନେଶ୍ୱର ଉପକଣ୍ଠ ଟାଙ୍ଗିବନ୍ତ ଗ୍ରାମରେ ଟାଙ୍ଗିବନ୍ତ କ୍ରିକେଟ୍ ଟିମ୍ ଆନୁକୂଲ୍ୟରେ ଆଜି ଏକ ଏକଦିବସୀୟ ଟେନିସ ବଲ୍ କ୍ରିକେଟ ଟିମ୍ ଅନୁଷ୍ଠିତ ହୋଇଯାଇଅଛି । ଏହି ଟୁର୍ଣ୍ଣାମେଣ୍ଟରେ ଆଖପାଖ ଅଞ୍ଚଳରୁ ୮ଟି ଦଳ ଭାଗ ନେଇଥିଲେ । ଶେଷରେ ଫାଇନାଲ ମ୍ୟାଚ ଗଣ୍ଡରପୁର ଓ ଇଞ୍ଜାଣା ମଧ୍ୟରେ ହୋଇଥିଲା । ଇଞ୍ଜାଣା ଚମ୍ପିୟାନ ହୋଇଥିବା ବେଳେ ଗଣ୍ଡରପୁର ଉପ ବିଜେତା ହୋଇଥିଲେ । ଉଭୟ ଦଳକୁ ଟ୍ରଫି ସହ ଅର୍ଥ ରାଶି ପୁରସ୍କୃତ କରଯାଇଥିଲା ।

## ବିଏମ୍‌ସି ଉତ୍ତର ଜୋନ୍‌ରେ 'ଆମ ଓଡ଼ିଶା-ନବୀନ ଓଡ଼ିଶା'

ଭୁବନେଶ୍ୱର, ୧୮ ।୨(ସମିସ): ବିଏମ୍‌ସି ପକ୍ଷରୁ ରବିବାର ଉତ୍ତର ଜୋନ୍‌ରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' (ସହରୀ) କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି ଉପଲକ୍ଷେ ପ୍ରଶାନ୍ତି ବିହାର ଦୁର୍ଗା ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁଲୋନଚା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ପ୍ରୀତିନନ୍ଦା ରାଉତରାୟ, ମିହିର କୁମାର ରାଉତ ଏବଂ ମୋନାଲିସା ବେହେରା ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ବିଏମ୍‌ସିର ଉତ୍ତର ଜୋନ୍‌ରେ ଥିବା ୧, ୨, ଏବଂ ୬ ୱାର୍ଡରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାମ ସମ୍ପର୍କରେ ବିଭାଗୀୟ ଅଧିକାରୀମାନେ ତଥ୍ୟ ପ୍ରଦାନ କରିଥିଲେ । ରାସ୍ତାଘାଟ, ଡ୍ରେନ, ଆଲୋକୀକରଣ, ପାନୀୟ ଜଳ, ମୋ ପୋଖରୀ, ଆହାର କେନ୍ଦ୍ର, ଭିକାରି ଥଇଥାନ କେନ୍ଦ୍ର, କୁଷ୍ଠ କଲୋନୀ ଆଦି ଯେଉଁ ସବୁ ଉନ୍ନତିମୂଳକ କାମ ହୋଇଥିଲା ତା'ର ତଥ୍ୟ ପ୍ରଦାନ କରିଥିଲେ । ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ କର୍ପୋରେଟରମାନେ ବର୍ଣ୍ଣନା କରିଥିଲେ । କଥାରେ ନୁହେଁ, କାମ କରି ମୁଖ୍ୟମନ୍ତ୍ରୀ ଦେଖାଇ ଦିଅନ୍ତି । ବିଗତ ୧୦ ବର୍ଷ ପୂର୍ବରୁ ଭୁବନେଶ୍ୱର ଯାହା ଥିଲା, ତାର ଚିତ୍ର ଆଜି ସମ୍ପୂର୍ଣ୍ଣ ବଦଳି ଯାଇଛି ବୋଲି ମେୟର କହିଥିଲେ । ସ୍ଥାନୀୟ ବିଧାୟକ ଏବଂ ଜନସମୂଦାୟଙ୍କ ଅକୁଣ୍ଠ ସହଯୋଗକୁ ଭୂରିଭୂରି ପ୍ରଶଂସା କରିଥିଲେ ମେୟର । ରାଜ୍ୟ ସରକାରଙ୍କ ଦ୍ୱାରା ହେଉଥିବା ବିଭିନ୍ନ ଯୋଜନା ଯଥା-ମମତା ଯୋଜନା, ବିଏସ୍‌କେୱାଇ, ମୋ ପୋଖରୀ, ମୁକ୍ତା, ଆବାସ ଯୋଜନା, କଚ୍ଚା ରାସ୍ତାରୁ ପକ୍କା ରାସ୍ତା, ମଧୁବାବୁ ପେନସନ ଯୋଜନା, '୫-ଟି' ଅଧୀନରେ ରାସ୍ତାଘାଟ, ସ୍କୁଲ, ଶ୍ମଶାନ, ଡାକ୍ତରଖାନା ଆଦିର ରୂପାନ୍ତରୀକରଣ ଆଦି ବହୁ ଯୋଜନା କରାଯାଇଛି । ଏହି ବିକାଶ ସଚେତନତା ସଭାରେ ପ୍ରାୟ ୮୦୦ ଜଣ ସ୍ଥାନୀୟ ନାଗରିକ ଅଂଶଗ୍ରହଣ କରିଥିଲେ । ଡେପୁଟି କମିସନର ପ୍ରିୟଦର୍ଶିନୀ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।







# 'ନୂଆ-ଓ ଛାତ୍ରବୃତ୍ତି' ଦେଖାଇଛି ନୂତନ ଆଶା

ଭୁବନେଶ୍ୱର, ୧୮ ।୨(ସମିସ):

ଉଚ୍ଚଶିକ୍ଷା ପାଇଁ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ଆର୍ଥିକ ଚିନ୍ତା ଦୂର ହୋଇଛି । ପାଠ ପଢ଼ିବାକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ଆର୍ଥିକ ଅଭାବରୁ ଅଧାରୁ ପାଠ ଛାଡୁଥିବା ବିଦ୍ୟାର୍ଥୀଙ୍କୁ ନୂତନ ଦିଶା ଦେଇଛନ୍ତି ରାଜ୍ୟ ସରକାର । ଉଚ୍ଚଶିକ୍ଷାର ରୂପାନ୍ତରଣ ସହ ମାନବୃଦ୍ଧି ଓ ଛାତ୍ରଛାତ୍ରୀଙ୍କ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ନୂତନ ଭାବେ 'ନୂଆ-ଓ ଛାତ୍ରବୃତ୍ତି' ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନାରେ ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ଛାତ୍ରମାନଙ୍କୁ ବାର୍ଷିକ ୯ ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ ହଜାର ଟଙ୍କାର ବୃତ୍ତିରାଶି ପ୍ରଦାନ କରାଯିବ । ସେହିପରି ଅନୁସୂଚିତ ଜାତି, ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁତ୍ର ସନ୍ତାନଙ୍କୁ ବାର୍ଷିକ ୧୦ ହଜାର ଏବଂ କନ୍ୟା ସନ୍ତାନମାନଙ୍କୁ ୧୧ ହଜାର ଟଙ୍କା ଛାତ୍ରବୃତ୍ତି ଦିଆଯିବ । ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଏହି ବୃତ୍ତିରାଶି ପାଇପାରିବେ । ଏହାସହ ସଂସ୍କୃତ ମହାବିଦ୍ୟାଳୟ ଏବଂ ସାମସ୍ ପୋର୍ଟାଲ ମାଧ୍ୟମରେ ନାମଲେଖାଉଥିବା ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି ଯୋଜନାରେ ବୃତ୍ତିରାଶି ପ୍ରଦାନ କରାଯିବ । ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ସିଧାସଳଖ ଏହି ଟଙ୍କା ପଠାଯିବ । ଆସନ୍ତା ମଙ୍ଗଳବାର ଅର୍ଥାତ ଫେବୃଆରୀ ୨୦ ତାରିଖରୁ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ବୃତ୍ତିରାଶି ପଠାଯିବ । ଚଳିତ ମାସ ଶେଷ ସୁଦ୍ଧା ଏହି ପ୍ରକ୍ରିୟା ସାରିବାକୁ ଲକ୍ଷ୍ୟ ରଖାଯାଇଛି ।

ସେହିପରି ଯେଉଁ ଛାତ୍ରଛାତ୍ରୀଙ୍କ ପିତାମାତା ନିୟମିତ ସରକାରୀ ଚାକିରିରେ ଥିବେ ବା ଆୟକର ପ୍ରଦାନ କରୁଥିବେ ସେମାନେ ଏହି ଯୋଜନାରେ ସାମିଲ ହୋଇପାରିବେ ନାହିଁ । ଏହାସହ ସେଲ୍‌ଫ ପାଇନାନ୍ସିଂ(ପିପିପି ମୋଡ୍), ଦୂରନିରନ୍ତର ଶିକ୍ଷା, ମୁକ୍ତ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ମଧ୍ୟ ଏହି ଯୋଜନାରେ ସାମିଲ ହେବେ ନାହିଁ । ପ୍ରାୟ ୯୫ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି । ଏହି ଛାତ୍ରବୃତ୍ତିକୁ ଅଧିକ ବ୍ୟାପକ ଓ ବିସ୍ତାରିତ କରିବା ପାଇଁ ସରକାର ପଦକ୍ଷେପମାନ ମଧ୍ୟ ନେଇଛନ୍ତି । ଆସନ୍ତା ଶିକ୍ଷାବର୍ଷରୁ ୩୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରାଯିବ । ଶିକ୍ଷା ତଥା ବିଭିନ୍ନ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟକ୍ରମରେ ଉତ୍କର୍ଷ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଏହି ପାଣ୍ଠିରୁ ବୃତ୍ତି ପ୍ରଦାନ କରାଯିବ । ସେହିପରି ଅଗଷ୍ଟ ସୁଦ୍ଧା ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ 'ନୂଆ- ଓ ମ୍ୟାଜିକ ସ୍ମାର୍ଟ କାର୍ଡ' ପ୍ରଦାନ କରାଯିବ । ଏହାକୁ ବ୍ୟବହାର କରି ଛାତ୍ରଛାତ୍ରୀମାନେ ବସ୍ ଓ ଟ୍ରେନ ଯାତ୍ରା ସମୟରେ ଫ୍ରି ୱାଇଫାଇ, ଅନ୍‌ଲାଇନ କୋର୍ସ, ସ୍କିଲ ଡେଭେଲପ୍‌ମେଣ୍ଟ, କୋଚିଂ ପ୍ରୋଗ୍ରାମ୍‌ରେ ଅଂଶଗ୍ରହଣ କରିବାକୁ ବିଶେଷ ସୁବିଧା ପାଇବେ ।

ସରକାରଙ୍କ ଏହି ଯୋଜନା ଉଚ୍ଚଶିକ୍ଷା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବ । ରାଜ୍ୟରେ ଡ୍ରପଆଉଟ୍ ହାର କମାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ସରକାରଙ୍କ ଏତାଦୃଶ ନିଷ୍ପତ୍ତି ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରରେ ବିପ୍ଳବ ଆଣିବ ବୋଲି ବହୁ ଶିକ୍ଷାବିତ ପ୍ରକାଶ କରିଛନ୍ତି । ଏହାସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧିକରିବ ବୋଲି ମତ ପ୍ରକାଶ ପାଇବ ।




### କାହା ମୁହଁରେ କେଉଁ କଥା

## ପ୍ରଯୁକ୍ତିବିଦ୍ୟା ସହ ଛାତ୍ରଛାତ୍ରୀଙ୍କୁ ଯୋଡ଼ିବ



ସମ୍ପ୍ରତି ବହୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଛାତ୍ରଛାତ୍ରୀଙ୍କ ପାଇଁ ଆସୁଛି । କରୋନା ସମୟରେ ଏହା ଅଧିକ ସମ୍ପ୍ରସାରିତ ହୋଇଛି । ଛାତ୍ରଛାତ୍ରୀମାନେ ଏହି ବିଷୟରେ ଅବଗତ ହୋଇ ଉପଯୋଗ କରିବା ବହୁ ଗୁରୁତ୍ୱପୂର୍ଣ୍ଣ । ସରକାରଙ୍କ 'ନୂଆ-ଓ ଛାତ୍ରବୃତ୍ତି' ଯୋଜନା ଏଥିପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବ । ବିଶେଷକରି ଗ୍ରାମାଞ୍ଚଳ ଛାତ୍ରଛାତ୍ରୀଙ୍କୁ ବେଶ୍ ସହାୟକ ହେବ । କାରଣ ବହୁ ଛାତ୍ରଛାତ୍ରୀ ଫୋନ୍‌ର ରିଚାର୍ଜ ମଧ୍ୟ କରିପାରି ନଥାନ୍ତି । ସିଧାସଳଖ ପାଉଥିବା ଆର୍ଥିକ ସହାୟତାକୁ ଏଥିପାଇଁ ଉପଯୋଗ କରିପାରିବେ । ମୋବାଇଲରେ ଅସରନ୍ତି ଇଣ୍ଟରନେଟ୍ ପାଇ ପାରିବେ । ଫଳରେ ନିୟମିତ ଭାବେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ସମ୍ପର୍କରେ ଜାଣି ପାରିବେ । ଏହା ସେମାନଙ୍କ ସାମଗ୍ରିକ ବିକାଶରେ ସହାୟକ ହେବ । ତେଣୁ ସରକାରଙ୍କ ଏହି ଯୋଜନା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ।

- ପ୍ରଫେସର ଅଶୋକ କୁମାର ଦାଶ, ଶିକ୍ଷାବିତ୍

## ପଢ଼ିବାକୁ ପ୍ରେରଣା ପାଇଲୁ



ଆର୍ଥିକ ଦୃଷ୍ଟିକୋଣରୁ ଚାପମୁକ୍ତ ହେବୁ । ଦୈନନ୍ଦିନ ଖର୍ଚ୍ଚ ସହ ପାଠପଢ଼ା ସାମଗ୍ରୀ କିଣାକିଣି ପୂର୍ବରୁ ମଧ୍ୟ କରୁଥିଲୁ । ହେଲେ ନାମଲେଖା ବା ପୁନଃ ନାମଲେଖା ପାଇଁ ଏକ ସମୟରେ ଟଙ୍କା ଯୋଗାଡ଼ କରିବା ଟିକିଏ କଷ୍ଟକର ହେଉଥିଲା । ପାଠପଢ଼ା ସହ ଆର୍ଥିକ ଚିନ୍ତା ପାଠପଢ଼ାରେ ବ୍ୟାଘାତ ସୃଷ୍ଟି କରୁଥିଲା । ନୂତନ ଭାବେ ପ୍ରଚଳନ କରାଯାଇଥିବା 'ନୂଆ-ଓ ଛାତ୍ରବୃତ୍ତି' ସବୁ ଚିନ୍ତାରୁ ଆଶ୍ୱସ୍ତି କରିଛି । ପାଠ ପଢ଼ିବାକୁ ପ୍ରେରଣା ପ୍ରଦାନ କରିଛି । +୨ରୁ ପାଠ ଛାଡ଼ିଦେଉଥିବା ଛାତ୍ରଛାତ୍ରୀଙ୍କୁ ଏହି ଯୋଜନା ପଢ଼ିବା ପାଇଁ ମଧ୍ୟ ଆକୃଷ୍ଟ କରିବ । ଫଳରେ ଉଚ୍ଚଶିକ୍ଷାରେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ ବୃଦ୍ଧି କରିବ । ସରକାରୀ ଭାବେ ଏହା ଘୋଷଣା ହେବା ଦିନରୁ ସହପାଠୀଙ୍କ ମଧ୍ୟରେ ଏକ ଉତ୍ସାହ ପରିଲକ୍ଷିତ ହେଉଛି । ଛାତ୍ରବୃତ୍ତି ପାଇବାରେ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକ ଛାତ୍ରଛାତ୍ରୀଙ୍କୁ ସମସ୍ତ ସହଯୋଗ ପ୍ରଦାନ କରିବାର ଆବଶ୍ୟକତା ରହିଛି ।

- ସନାତନ ବେହେରା
+୩ ପ୍ରଥମ ବର୍ଷ ଛାତ୍ର, ରାଜଧାନୀ ମହାବିଦ୍ୟାଳୟ

## ଡ୍ରପ୍‌ଆଉଟ୍ କମାଇବାରେ ହେବ ମାଇଲଖୁଣ୍ଟ



ସରକାରଙ୍କ ଏହା ସ୍ୱାଗତଯୋଗ୍ୟ ଓ ଦୂରଦୃଷ୍ଟି ସମ୍ପର୍ଣ୍ଣ ଯୋଜନା । ଡ୍ରପ୍‌ଆଉଟ୍ ହାର କମାଇବାରେ ଏହା ମାଇଲଖୁଣ୍ଟ ହେବ । କାରଣ ଆର୍ଥିକ ପ୍ରୋତ୍ସାହନ ପାଠ ପଢ଼ା ପ୍ରତି ଛାତ୍ରଛାତ୍ରୀଙ୍କୁ ଆକୃଷ୍ଟ କରିବ । ଉଚ୍ଚଶିକ୍ଷା ପାଇଁ ମାନସିକ ସ୍ତରରେ ଆତ୍ମବିଶ୍ୱାସ ବୃଦ୍ଧି କରିବ । ଏହାସହ ପ୍ରତିଦ୍ୱନ୍ଦ୍ୱିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବାରେ ସହାୟକ ହେବ । ଏହି ଅର୍ଥରୁ ବିଭିନ୍ନ ପତ୍ରପତ୍ରିକା କିଣି ପଢ଼ିପାରିବେ । ଅନ୍‌ଲାଇନ୍‌ରେ ମଧ୍ୟ ଶୁଳ୍କ ଦେଇ ପଢ଼ିପାରିବେ । ଏହି ଯୋଜନା ଛାତ୍ରଛାତ୍ରୀଙ୍କ ମନରେ ଆତ୍ମବିଶ୍ୱାସ ବୃଦ୍ଧି କରିବା ସହ ପ୍ରୋତ୍ସାହିତ କରିଛି । 'ନୂଆ- ଓ ମ୍ୟାଜିକ ସ୍ମାର୍ଟ କାର୍ଡ'କୁ ନେଇ ମଧ୍ୟ ଛାତ୍ରଛାତ୍ରୀ ଉତ୍ସାହିତ ଅଛନ୍ତି ।

- ଡ. ମାନସ ବେହେରା, ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ

## ସାମ୍‌ସ ପୋର୍ଟାଲ ସର୍ତ୍ତକୁ କୋହଳ କରାଯାଉ



ସାମ୍‌ସ ପୋର୍ଟାଲ ଦ୍ୱାରା ନାମଲେଖାଇ ନ ଥିଲେ ଏହି ବୃତ୍ତିରୁ ବାଦ ପଡ଼ିବାର ପ୍ରାବଧାନ ରହିଛି । ଏହାଦ୍ୱାରା ବହୁ ଗରିବ ଓ ମଧ୍ୟବିତ୍ତ ପରିବାରରୁ ଆସୁଥିବା ବହୁ ଛାତ୍ରଛାତ୍ରୀ ବାଦ୍ ପଡୁଛନ୍ତି । ବହୁ ସ୍ଥାନରେ ଉଚ୍ଚଶିକ୍ଷାନୁଷ୍ଠାନ ନିଜସ୍ୱ ଭାବେ ପରୀକ୍ଷା କରି ନାମଲେଖାଇଛନ୍ତି । ସାମସ୍ ପୋର୍ଟାଲରେ ସେମାନେ ସାମିଲ ହୋଇନାହାନ୍ତି । ହେଲେ ତାଙ୍କ କାରଣରୁ ଛାତ୍ରଛାତ୍ରୀ ବାଦ ପଡ଼ିବା କଷ୍ଟ ଦେଉଛି । ଏଣୁ ଚଳିତ ଥର ଏହି ସର୍ତ୍ତକୁ କୋହଳ କରି ସମସ୍ତଙ୍କୁ ଏଥିରେ ସାମିଲ କରିବାକୁ ସରକାରଙ୍କୁ ଅନୁରୋଧ କରୁଛି । ଏହାସହ ଆଗାମୀ ଦିନରେ ଏକକ ନାମଲେଖା ସ୍ୱରୁପ ସାମ୍‌ସ ପୋର୍ଟାଲ ଦ୍ୱାରା ନାମଲେଖାକୁ ବାଧ୍ୟତାମୂଳକ କରାଯାଉ ।

- ଦୀପକ ସ୍ୱାଇଁ(ଛାତ୍ର), ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର

